

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୯ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 March 2026

Vol.No. 36 ■ No.63 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ରାଷ୍ଟ୍ରପତିଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ନେଇ ଟିଏମ୍‌ସିକୁ ସମାଲୋଚନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୮/୩ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରାଯିବା ଅଭିଯୋଗ ପ୍ରସଙ୍ଗରେ ରବିବାର ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସିକୁ ତୀବ୍ର ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପଶ୍ଚିମବଙ୍ଗରେ ଆୟୋଜିତ ୯ମ ଅନ୍ତର୍ଜାତୀୟ ସାନ୍ତାଳ କନଫରେନ୍ସରେ ରାଷ୍ଟ୍ରପତି ମୁର୍ମୁ ଯୋଗ ଦେଇଥିବା ବେଳେ ଏଥିରେ ପ୍ରବଳ ବିଶୃଙ୍ଖଳା ହୋଇଥିବା ଅଭିଯୋଗ ହୋଇଛି।ଏହାକୁ ନେଇ ରାଜନୀତିକ ବୟାନବାଜୀ ଜାରି ରହିଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଟିଏମସିକୁ ଅହଂକାରୀ ବୋଲି କହିଛନ୍ତି। ଦଳ ପ୍ରଦର୍ଶନ କରୁଥିବା ଅହଂକାର ଓ ଦଳର କୁତ୍ସିତ ରାଜନୀତି ନିଶ୍ଚିତ ଭାବେ ବେଙ୍ଗଲବାସୀ ଖୁବଶୀଘ୍ର ମାଟିରେ ମିଶାଇ ଦେବେ ବୋଲି ମଧ୍ୟ ମୋଦି ଚେତାବନୀ ଦେଇଛନ୍ତି। ଦିଲ୍ଲୀରେ ମେଟ୍ରୋ ପ୍ରକଳ୍ପ ଉଦଘାଟନ କରିବା ବେଳେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ "ଆମ ଦେଶରେ ଗୋଟିଏ ଲୋକକଥା ରହିଛି। ଜଣେ ବ୍ୟକ୍ତି ଯେତେ ଶକ୍ତିଶାଳୀ କିମ୍ବା ପ୍ରଭାବଶାଳୀ ହେଲେ ମଧ୍ୟ ସେ ନିଜର ଅହଂକାର ଯୋଗୁ ଧ୍ୱଂସ ହୋଇଯାଏ। ଆଜି ଦେଶର ଜାତୀୟ ରାଜଧାନୀରୁ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ଯେ ଯେଉଁ କୁତ୍ସିତ ରାଜନୀତି ଓ କ୍ଷମତାର ଅହଂକାର ବଳରେ ଟିଏମସି ଜଣେ ଆଦିବାସୀ ରାଷ୍ଟ୍ରପତିଙ୍କ ସମ୍ମାନକୁ ଅପମାନିତ କରିଛି, ତାହା ଖୁବଶୀଘ୍ର ଛିନଛତ୍ର ହୋଇଯିବ।ପଶ୍ଚିମବଙ୍ଗର ବୁଦ୍ଧିମାନ ଲୋକମାନେ କେବେ ହେଲେ ଜଣେ ମହିଳା, ଆଦିବାସୀ ଓ ଦେଶର ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବା ଟିଏମସକୁ କ୍ଷମା ଦେବେ ନାହିଁ।" ନିଜର ଆକ୍ରମଣକୁ ଆହୁରି ଶାଣିତ କରି ମୋଦି କହିଛନ୍ତି ଯେ "ଦ୍ରୌପଦୀ ମୁର୍ମୁ ସାନ୍ତାଳମାନଙ୍କ ଗୋଟିଏ ବଡ଼ ଉତ୍ସବକୁ ପାଳନ କରିବା ପାଇଁ ବେଙ୍ଗଲ ଯାଇଥିଲେ। ରାଷ୍ଟ୍ରପତିଙ୍କୁ ସମ୍ମାନୀତ କରିବା ବଦଳରେ ଟିଏମସି ଏହି ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ବୟକଟ କରିଥିଲା। ରାଷ୍ଟ୍ରପତି ନିଜେ ଆଦିବାସୀ ସଂପ୍ରଦାୟରୁ ଆସିଛନ୍ତି ଓ ସେ ସବୁବେଳେ ଆଦିବାସୀ ସଂପ୍ରଦାୟର ବିକାଶ ପାଇଁ ଚିନ୍ତିତ। କାର୍ଯ୍ୟକ୍ରମରେ ବିଶୃଙ୍ଖଳା କେମିତି ହେବ, ସେଥିପାଇଁ ଟିଏମସି ଏପରି କରିଛି। ଏହା କେବଳ ଜଣେ ରାଷ୍ଟ୍ରପତିଙ୍କ ଅପମାନ ନୁହେଁ, ବରଂ ଏହା ଭାରତର ସମ୍ବିଧାନକୁ ଅପମାନ।" ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର ଦାର୍ଜିଲିଂକୁ ୯ମ ଅନ୍ତର୍ଜାତୀୟ ସାନ୍ତାଳ ମହାସ୍ତୋବରେ ସାମିଲ ହେବାକୁ ଯାଇଥିଲେ। କିନ୍ତୁ କାର୍ଯ୍ୟକ୍ରମ ପରିଚାଳନାରେ ଦେଖାଯାଇଥିବା ତ୍ରୁଟିକୁ ନେଇ ସେ ଟିଏମସି ସରକାର ଉପରେ ଅସନ୍ତୋଷ ଝାଡ଼ିଥିଲେ। କାର୍ଯ୍ୟକ୍ରମ ଆୟୋଜନ ପାଇଁ ବେଙ୍ଗଲ ପ୍ରଶାସନ ଛୋଟ ସ୍ଥାନ ଦେବା ଓ କାର୍ଯ୍ୟକ୍ରମ ସ୍ଥଳକୁ ହଠାତ ପରିବର୍ତ୍ତନ କରିବା ନିଷ୍ପତ୍ତିକୁ ନେଇ କ୍ଷୁବ୍ଧ ହୋଇଥିଲେ।

## ଓଡ଼ିଶାରେ ବଙ୍ଗୀୟ ମହିଳା ନିଖୋଜ

ଭୁବନେଶ୍ୱର, ୦୮/୩ (ନି.ପ୍ର): ଓଡ଼ିଶାରେ ନିଖୋଜ ହେଲେ ବେଙ୍ଗଲୀ ମହିଳା। ହୁଗୁଳିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସ୍ୱାମୀ ଖୋଜି ଖୋଜି ନାକେଦମ୍। ୧୬ଦିନ ହେବ ସ୍ତ୍ରୀ ସେଜସ୍ୱିନି ସାନ୍ତ୍ରା ଙ୍ ପତ୍ତା ମିଳୁନି। ଚାରିଆଡେ ଖୋଜି ନିରାଶ ହେବା ପରେ ସ୍ୱାମୀ କାନ୍ଦି କାନ୍ଦି ଭିଡ଼ିଓ ବାର୍ତ୍ତାରେ କରିଛନ୍ତି ଗୁହାରି। ନିଜର ଏବଂ ନିଜ ସ୍ତ୍ରୀଙ୍କ ଫୋଟ ଦେଖାଇ ଖୋଜିବାକୁ ସାହାଯ୍ୟ ମାଗିଛନ୍ତି। ଯଦି କେହି ଭୁବନେଶ୍ୱର ବାସିନ୍ଦା ତାଙ୍କ ସ୍ତ୍ରୀ ଙ୍କ ସନ୍ଧାନ ପାଇବେ କିମ୍ବା ତାଙ୍କ ଠିକଣା କହିବେ ତେବେ ସେ ଦେଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ନବୀନ ସରକାରରେ ହିଁ ମହିଳା ସୁରକ୍ଷିତ: ସ୍ନେହାଙ୍ଗିନୀ ଛୁରିଆ

ଭୁବନେଶ୍ୱର, ୦୮/୩ (ନି.ପ୍ର): ମହିଳାଙ୍କ ସଶକ୍ତ, ସୁରକ୍ଷା ଦେବା ପାଇଁ ବିଜୁ ବାବୁ ଆରମ୍ଭ କରିଥିଲେ ଚେଷ୍ଟା ଆଉ ଏହାକୁ ନବୀନ ବାବୁ କାର୍ଯ୍ୟକାରୀ କରିଥିଲେ । ଗୋଟେ କନ୍ୟା ମା ପେଟରୁ ଆରମ୍ଭ ହୋଇ ସମସ୍ତ ପ୍ରକ୍ରିୟାରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ ନବୀନ ପଟ୍ଟନାୟକ ବୋଲି କହିଛନ୍ତି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ । କିପରି ମହିଳାଟିଏ ସ୍ୱାବଲମ୍ବୀ ହେବ ତାହାକୁ ସବୁବେଳେ ଗୁରୁତ୍ୱ ଦେଇଥିଲେ ନବୀନ ପଟ୍ଟନାୟକ । ଯେଉଁ ମହିଳା ନବୀନ ସରକାର ସମୟରେ ରାତି ଅଧରେ ବୁଲି ପାରୁଥିଲା ଆଉ ଆଜି ନୂଆ ସରକାର ସମୟରେ ସେ କେଉଁଠାରେ ବି ସୁରକ୍ଷିତ ନୁହେଁ ।

## ରାଜଧାନୀରେ ପୁଣି ଲଭ୍ ଜିହାଦ ଅଭିଯୋଗ

ଭୁବନେଶ୍ୱର, ୦୮/୩ (ନି.ପ୍ର): ରାଜଧାନୀରେ ପୁଣି ଲଭ୍ ଜିହାଦ ଅଭିଯୋଗ। ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ଜୋର ଜବରଦସ୍ତ ବିବାହ ଏବଂ ଧର୍ମ ପରିବର୍ତ୍ତନ ଲାଗି ଉଦ୍ୟମ ହୋଇଛି। ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିବା ସହ ଏ ନେଇ ଅଧିକ ଛାନଭିନ୍ ଚଳାଇଛି। ସୋଶିଆଲ ମିଡିଆରେ ବନ୍ଧୁତା, ବନ୍ଧୁତାରୁ ପ୍ରେମ ନିବେଦନ, ପରେ ବିବାହ କରିବାର ସ୍ୱପ୍ନ। କିନ୍ତୁ କିଏ ଜାଣିଥିଲା ବିବାହ ନାଁରେ ଜାଲ ବିଛାଉଥିଲା ସଇତାନ ପ୍ରେମିକ। ଏ ହେଉଛି ସେହି ଅଭିଯୁକ୍ତ ଯୁବକ। ନାଁ-ଇରଫାନ ଅନସାରୀ। ଘର- କର୍ଣ୍ଣାଟକ। କାମ- ନିରୀହ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଧର୍ମ ପରିବର୍ତ୍ତନ କରାଇବା। ଏମିତି ଧର୍ମ ପରିବର୍ତ୍ତନ କରୁ କରୁ ଶେଷରେ ପଡ଼ିଛି ପୁଲିସ ହାବୁଡ଼ରେ। ଭଦ୍ରକର ଜଣେ ଯୁବତୀଙ୍କୁ ଭୁଲେଇ ଭାଲେଇ ପୁରୀରୁ ଭୁବନେଶ୍ୱର ଆଣିଥିଲା ଅଭିଯୁକ୍ତ ଇରଫାନ୍। ଜୟରାଜ୍ ଶର୍ମା ନାଁରେ ନିଜକୁ ପରିଚୟ ଦେଇ ଦୁଷ୍କର୍ମ କରିବା ସହ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲା। ଯୁବତୀ ଜଣକ ତାର ଅସଲ ନାଁ ଇରଫାନ୍ ଅନସାରୀ ଜାଣିବା ପରେ ସବୁ ସତ ସାମ୍ନାକୁ ଆସିଥିଲା। ଇରଫାନର ଅସଲ ଚେହେରା ଯୁବତୀ ଜଣକ ଜାଣିବା ପରେ ତାଙ୍କୁ ଅଭିଯୁକ୍ତ ଜଣକ ଭୁବନେଶ୍ୱରର ଏକ ତାରକା ହୋଟେଲରେ ୪ ଘଣ୍ଟା ଧରି ମାଡ଼ ମାରି ଲହୁ ଲୁହାଣ କରିଥିଲା। ଅଭିଯୁକ୍ତ ବିରୋଧରେ ଦୁଷ୍କର୍ମ, ମିଛ ପ୍ରମାଣ ପତ୍ର ଦେଇ ସଂପର୍କ ରଖିବା ଏବଂ ହତ୍ୟା ଉଦ୍ୟମ ଭଳି ଲାଗିଛି ସଙ୍ଗୀନ ଦଫା। ଷ୍ଟାର ହୋଟେଲର ସିସିଟିଭି ସହ ଅଭିଯୁକ୍ତର ପରିଚୟ ପତ୍ର ଜବତ କରିଛି ପୁଲିସ। ଏକ କାର୍, ଏକ ଖଣ୍ଡା, ମୋବାଇଲ୍ ଫୋନ୍ ଜବତ ହୋଇଛି। ଏହା କେବଳ ଗୋଟିଏ ଲଭ୍ ଜିହାଦ ନା, ପୂର୍ବରୁ ଅନେକ ମହିଳା ଫସିଛନ୍ତି ଜାଲରେ ? ସେ ନେଇ ଘଣ୍ଟାଚକଟା ଆରମ୍ଭ ହୋଇଛି। ଆବଶ୍ୟକ ସ୍ଥଳେ ଅଭିଯୁକ୍ତକୁ ରିମାଣ୍ଡରେ ଆଣିବାକୁ ପୁଲିସ ଯୋଜନା କରିଛି। ଗତ ୨୦୨୪ ନଭେମ୍ବର ୮ ତାରିଖରେ ଜଣେ ଯୁବତୀଙ୍କୁ ଭୁବନେଶ୍ୱରରୁ କାଶ୍ମୀର ନେବାକୁ ଯୋଜନା ବେଳେ ଅଭିଯୁକ୍ତ ସମୀର ମନସୁରକୁ ଗିରଫ କରିଥିଲା ମହିଳା ଥାନା ପୁଲିସ। ଆଉ ଆଜି ପୁଣି ଥରେ ରାଜଧାନୀରେ ଲଭ୍ ଜିହାଦର ପୁନରାବୃତ୍ତି ହୋଇଛି।

## ସରଣ୍ଡା ଜଙ୍ଗଲରେ ପୁଣି ପୁଲିସ-ମାଓବାଦୀ ମୁହାଁମୁହିଁ

ସୁନ୍ଦରଗଡ଼ , ୦୮/୩ (ନି.ପ୍ର): ସରଣ୍ଡା ଜଙ୍ଗଲରେ ପୁଣି ପୁଲିସ-ମାଓବାଦୀ ମୁହାଁମୁହିଁ। ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ସରଣ୍ଡା ଜଙ୍ଗଲରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଘମାଘୋଟ ଗୁଳି ବିନିମୟ ହୋଇଛି । ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରଣ୍ଡା ଜଙ୍ଗଲର କୁମଡ଼ିହ ଓ କୋଲବୋଙ୍ଗା ଅଞ୍ଚଳରେ ମାଓବାଦୀଙ୍କ ଏକ ଦଳ ଥିବା ସୂଚନା ପାଇ ଯବାନ ମାନେ ଆଜି ସକାଳେ ସେମାନଙ୍କୁ ଘେରି ଯାଇଥିଲେ । ପରେ ଉଭୟ ପକ୍ଷରୁ ଗୁଳିବର୍ଷା ଆରମ୍ଭ ହୋଇଥିଲା। ଜଙ୍ଗଲ ଭିତରୁ ଲଗାତାର ଗୁଳିଗୋଳା ଶବ୍ଦ ଶୁଣି ନିକଟସ୍ଥ ଗାଁ ଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଦିନକ ତଳେ ସିଆରପିଏଫ୍ ଡିଜି ଚାଇଁବସା ଗସ୍ତରେ ଆସି ନକ୍ସଲ ବିରୋଧୀ ଅଭିଯାନକୁ ଆହୁରି ତୀବ୍ର କରିବାକୁ ସୁରକ୍ଷାବଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହାର ୨୪ ଘଣ୍ଟା ମଧ୍ୟରେ ସରଣ୍ଡା ଜଙ୍ଗଲରୁ ଏଭଳି ଗୁଳି ବିନିମୟ ଖବର ଆସିବାରୁ ଅଞ୍ଚଳରେ ଚର୍ଚ୍ଚା ବଢ଼ିଯାଇଛି ।

## ଯୁଦ୍ଧ ଗ୍ରସ୍ତ କତାରରେ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ: ଗାଁରେ ପଡିଛି କାନ୍ଦବୋବାଳି, ଛାତି ପିଟି ବାହୁନି କାନ୍ଦୁଛି ମା'



ଭୁବନେଶ୍ୱର, ୦୮/୩ (ନି.ପ୍ର): ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ ଭିତରେ ଆସିଲା ଦାଦନ ଯନ୍ତ୍ରଣାର ଚିତ୍ର । ରୋଜଗାର ଆଶାରେ କତାର ଯାଇଥିବା ଖଲ୍ଲିକୋଟର କୁନା ଖୁଣ୍ଟିଆଙ୍କର ମୃତ୍ୟୁ ହୋଇଛି। ଯୁଦ୍ଧ ଲାଗି ବିମାନ ସେବା ବନ୍ଦ ଥିବାରୁ ପୁଅର ଶବ କେମିତି ଘରକୁ ଫେରିବ ତାହା ଏବେ ଚିନ୍ତାରେ ପକାଇଛି । ଗାଁରେ ପଡ଼ିଛି କାନ୍ଦବୋବାଳି । ଛାତି ପିଟି ବାହୁନି କାନ୍ଦୁଛି ମା' । ଭାଇକୁ ଝୁରି ଲୋଟି ପଡୁଛି ଭଉଣି । ବନ୍ଧୁବାନ୍ଧବ, ସାହି ପଡ଼ିଶାଙ୍କ ଆଖିରେ ବି ଲୁହ ରହୁନି। କାରଣ ରୋଜଗାର ଆଶାରେ ପରଦେଶକୁ ଯାଇଥିବା ପୁଅ ତ ଫେରିନି, ଆସିଛି ତା' ମୃତ୍ୟୁର ଚିଟାଉ । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ନାଇକାଣିପଲ୍ଲୀ ଗାଁର କୁନା ଖୁଣ୍ଟିଆ ଗତ ୪ ମାସ ତଳେ କତାରର ଦୋହାକୁ ଯାଇଥିଲେ କାମ ସନ୍ଧାନରେ । ଏକ ଘରୋଇ କମ୍ପାନିରେ ଶ୍ରମିକ ଭାବେ କାମ କରି ଯେତିକି ପଇସା ପଠାଉଥିଲେ, ସେଥିରେ ପରିବାର ଚଳୁଥିଲା । ଗତକାଲି କମ୍ପାନିରୁ କାମ ସାରି ରହୁଥିବା ଆର୍ଜେଣ୍ଟିନା କ୍ୟାମ୍ପକୁ ଫେରିଥିଲେ କୁନା ।

◆◆ପୃଷ୍ଠା ୭

## ଆଜିଠାରୁ ସଂସଦରେ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ



ନୂଆଦିଲ୍ଲୀ,୦୮/୩ : ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ବିରୋଧୀ ଦଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟେଇବାକୁ ନେଇ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳମାନେ ଇରାନ ଯୁଦ୍ଧ, ଏପ୍‌ଷ୍ଟିନ୍ ଫାଇଲ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ମୋଦୀ ସରକାରଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବେ। ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଏପ୍ରିଲ ୨ ତାରିଖରେ ଶେଷ ହେବ। ଆଗକୁ ତାମିଲନାଡୁ, କେରଳ, ପୁଡୁଚେରୀ, ଆସାମ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ବିରୋଧୀଙ୍କ ମୁକାବିଲା ପାଇଁ ◆◆ପୃଷ୍ଠା ୭

## କ୍ରସ ଭୋଟିଂ ହେବାର ପ୍ରଶ୍ନ ଉଠୁନି: ରାମଚନ୍ଦ୍ର କାଡାମ

ଭୁବନେଶ୍ୱର, ୦୮/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ଏଆଇସିସିର ନିର୍ଦ୍ଦେଶ । ସମସ୍ତ କଂଗ୍ରେସ ବିଧାୟକ ଏକ ହୋଇ ମିଳିତ ପ୍ରାର୍ଥୀ ଡାକ୍ତର ଦତେଶ୍ୱର ହୋତାଙ୍କୁ ଭୋଟ ଦେବେ । କଂଗ୍ରେସର କୌଣସି ଭୋଟ ଏପଟ ସେପଟ ହେବ ନାହିଁ । ଏନେଇ ପିସିସି ସଭାପତି ସମସ୍ତଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ବିଧାୟକଙ୍କ ସହିତ ପିସିସି ସଭାପତି ଯୋଗାଯୋଗରେ ଅଛନ୍ତି । କ୍ରସ ଭୋଟିଂ ହେବାର ପ୍ରଶ୍ନ ଉଠୁନି । ବିଜେଡ଼ି, କଂଗ୍ରେସ ଏବଂ ସିପିଆଇଏମ ମିଶିଲେ ୩୩ ଭୋଟ ହେଉଛି । ଆମର ସଂଖ୍ୟା ଗରିଷ୍ଠତା ଅଛି । ବିଜେପି ପାଖରେ ବଳକା ୨୨ଟି ଭୋଟ ଅଛି, ତାଙ୍କ ପାଖରେ ସଂଖ୍ୟା ହେଉ ନାହିଁ । ଦିଲ୍ଲୀପ ରାୟ କଣ ଗଣନା କରିଥିବେ, ଆମ ଗଣନା ଅନୁଯାଇ ଆମେ ଜିତିବୁ । ରାଜ୍ୟର ସ୍ୱାର୍ଥ ପାଇଁ ବିଜେଡ଼ି -କଂଗ୍ରେସ ବିଧାନସଭାରେ ମିଳିତ ଭାବେ ସ୍ୱର ଉଠାଇବୁ ।

## ଯୁବ ବିକାଶ ଫାଉଣ୍ଡେସନ ତରଫରୁ ବିଶ୍ୱ ମହିଳା ଦିବସ ପାଳନ




ବାଲେଶ୍ୱର , ୮ ମାର୍ଚ୍ଚ ୨୦୨୬: ଯୁବ ବିକାଶ ଫାଉଣ୍ଡେସନ , ସିନି ଇଣ୍ଡିଆ ଏବଂ ଌଗରଏ ଗ୍ରାମଶକ୍ତି ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ ଏଫ୍.ଏମ୍. ଗୋଲେଇ ନିକଟସ୍ଥ ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କର ସଭାଗୃହରେ ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଓ ସଫଳତା କୁ ସ୍ୱୀକାର କରି 'ଶକ୍ତିର ଉତ୍ସ – ମହିଳା ସାମର୍ଥ୍ୟ' ବିଷୟରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ବାଲେଶ୍ୱର,ଭଦ୍ରକ ଏବଂ ମୟୂରଭଞ୍ଜ ଅଂଚଳରୁ ପାଖାପାଖି ୧୩୦ ଜଣ ମହିଳା, ଯେଉଁମାନେ କି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଏମ୍ବ୍ରୋଡ୍ରରୀ ଟ୍ରେନିଂ ନେଉଥିବା ମହିଳାମାନେ ଅଂଶଗ୍ରହଣ କରିଥିଲେ। ମହିଳାମାନଙ୍କ ନିଜସ୍ୱ ଅଭିଜ୍ଞତା, ସଫଳତା ଗଳ୍ପ, ଏବଂ ଅଗ୍ରଗତି ସଂପର୍କରେ ଅନୁପ୍ରେରଣାମୂଳକ ଅଭିଭାଷଣ ପ୍ରଦାନ କରାଯାଇଥିଲା। ଯୁବ ବିକାଶର ସଦସ୍ୟା ଦିପିକା ମାହେଶ୍ୱରୀ ସଭାପତିତ୍ୱ କରି ମହିଳାମାନଙ୍କୁ ବାର୍ତ୍ତା ଦେଇଥିଲେ'ମହିଳାମାନେ ସମାଜର ମୂଳ ଶକ୍ତି । ଏହି ପ୍ରୟାସ ଦ୍ୱାରା ଆମେ ସେମାନଙ୍କ ଅଗ୍ରଗତି ଏବଂ ସ୍ୱାବଲମ୍ବନକୁ ଉତ୍ସାହିତ କରିବାକୁ ଚାହୁଁଛୁ।' ସିନି ଇଣ୍ଡିଆ ଏବଂ ଏସଏମଏଫଜି ପକ୍ଷରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଅର୍ଥନୈତିକ ସମର୍ଥନ ପ୍ରଦାନ କରିବାକୁ ଉଦ୍ୟୋଗ ଗ୍ରହଣ କରାଯାଇଛି । ଏହି ଉଦ୍ୟମ ମାଧ୍ୟମରେ ମହିଳାମାନଙ୍କ ଜୀବନମାନ ଉନ୍ନତି ପାଇଁ ଏକ ନୂତନ ଦିଗ ଖୋଲିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି କେଶୁ ଦାସ, ମୁଖ୍ୟବକ୍ତା 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ , ଅନ୍ୟତମ ଅତିଥିଭାବେ ବଣଧୂଳି ଫୁଲ ସଂଗଠନର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ, ନିଉ ଲାଇଫର ସମ୍ପାଦକ ପ୍ରଶାନ୍ତ ମହାରଣା, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା ଏବଂ ମହିଳା ଉଦ୍ୟୋଗୀ ରେବତୀ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ, ଯେଉଁମାନେ କି ମହିଳାମାନଙ୍କ ନିଜସ୍ୱ ଶକ୍ତି ଓ ସ୍ୱାଧୀନତା ବିଷୟରେ ଅନୁପ୍ରେରଣା ଦେଇଥିଲେ । ଯୁବ ବିକାଶ ତରଫରୁ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, 'କନକ' ନ୍ୟୁଜର ପ୍ରତିନିଧି ସୁମନା ପରିଡ଼ା, 'ସବୁଜ ସାଥୀ'

## ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କୁ ବି ହତ୍ୟା କରିବୁ: ଇରାନକୁ ଇସ୍ରାଏଲର ବଡ଼ ଧମକ



ନୂଆଦିଲ୍ଲୀ,୦୮/୩ : ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖେମିନିଙ୍କ ଗାଦିରେ କିଏ ବସିବ ? କିଏ ଇରାନର ପ୍ରତିନିଧିତ୍ୱ କରିବ ? ଏହିସବୁ ପ୍ରଶ୍ନ ଭିତରେ ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଖୁବଶୀଘ୍ର ଦେଶର ଧର୍ମଗୁରୁ ଓ ସମ୍ପୃକ୍ତ କମିଟି ପରବର୍ତ୍ତୀ ସର୍ବୋଚ୍ଚ ନେତା ଘୋଷଣା କରିବେ। କୁହାଯାଉଛି ଯେ ଆଗାମୀ ଗୋଟିଏରୁ ଦୁଇ ଦିନ ମଧ୍ୟରେ ଆୟାତୋଲ୍ଲା ଖେମିନିଙ୍କ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରାଯିବ। ନୂତନ ନେତାଙ୍କ ଚୟନ ସମ୍ପର୍କରେ ଆଲୋଚନା ମଧ୍ୟରେ, ଇସ୍ରାଏଲ କିନ୍ତୁ ପୁଣି ଥରେ ବଡ଼ ଆକ୍ରମଣର ଧମକ ଦେବା ସହ ଖେମିନିଙ୍କ ପରି, ତାଙ୍କ ଉତ୍ତରାଧିକାରୀଙ୍କୁ ବି ହତ୍ୟା କରାଯିବ ବୋଲି କହିଛି। ଇସ୍ରାଏଲ ସେନା(ଆଇଡିଏଫ) ଚେତାବନୀ ଦେଇଛି ଯେ ଯିଏ ଇରାନର ପରବର୍ତ୍ତୀ ସର୍ବୋଚ୍ଚ ନେତା ହେବ ସେ ତାଙ୍କୁ ହତ୍ୟା କରିବ। ଏକ୍ସ ରେ ଏକ ପୋଷ୍ଟରେ, ଆଇଡିଏଫ୍ କହିଛି ଇରାନ ଶାସନ ନିଜକୁ ପୁନଃନିର୍ମାଣ କରିବାକୁ ଯେଉଁ ପ୍ରୟାସ କରୁଛି, ତାହାକୁ କେବେ ବି ସଫଳ ହେବାକୁ ଦିଆଯିବ ନାହିଁ। ୩୬ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ରହିଆସିଥିବା ଅଲି ଖେମିନିଙ୍କ କୌଣସି ମନୋନୀତ ଉତ୍ତରାଧିକାରୀ ନଥିଲେ। ତାଙ୍କ ମୃତ୍ୟୁ ପରେ, ଇରାନର ତିନି ସଦସ୍ୟ ବିଶିଷ୍ଟ ପରିଷଦ ସର୍ବୋଚ୍ଚ ନେତାଙ୍କ ନାମ ଚୂଡ଼ାନ୍ତ କରିବ।

◆◆ପୃଷ୍ଠା ୭

# ବଲାଙ୍ଗୀରରେ ନାରୀ ସଶକ୍ତିକରଣର ଦିଗ କୁଆଡେ ? : ମାଟିରେ ମିଶିଲା ଶତାୟୁ ଅନୁଷ୍ଠାନ "ସୁନ୍ଦରକୁମାରୀ ଲେଡିଜ କ୍ଲବ"

ବଲାଙ୍ଗୀର, ୦୭/୩ (ନି.ପ୍ର): ସଂପ୍ରତି ସମାଜରେ ନାରୀମାନଙ୍କୁ ଅଧିକ ଅଧିକାର ଦେଇ ସ୍ୱାବଲମ୍ବି ତଥା ସଶକ୍ତହେବାକୁ ପ୍ରୟାସ ହେଉଛି । ଆମ ସମାଜର ପଚାଶ ପ୍ରତିଶତ ମହିଳା ଥିବାବେଳେ ଏକ ସୁସ୍ଥସମାଜ ଗଠନ କରିବାକୁ ହେଲେ ନାରୀମାନଙ୍କୁ ସଶକ୍ତିକରଣ ତଥା ସଚେତନ କରିବାର ଆବଶ୍ୟକତା କଥା ଉଠେ । ନାରୀମାନଙ୍କୁ ଭାବର ଆଦାନ ପ୍ରଦାନ ତଥା ଅବସରବିନୋଦନ ପାଇଁ କେତେକ ସ୍ଥଳେ ଲେଡିଜକ୍ଲବ ଓ ନାରୀସେବାସଦନ ଭଳି ଅନୁଷ୍ଠାନର ଯଥେଷ୍ଟ ଆବଶ୍ୟକତା ରହିଛି । କିନ୍ତୁ ରାଜୁଡା ସମୟରେ ୧୯୪୧ ମସିହାରେ ବଲାଙ୍ଗୀର ସହରର ନାରୀମାନଙ୍କ ନାରୀଜାଗରଣ ପାଇଁ ସ୍ଥାପିତ "ସୁନ୍ଦରକୁମାରୀ ଲେଡିଜକ୍ଲବ"ର ଅସ୍ତିତ୍ୱ ଆଜି ହଜିଯାଇଛି । ବଲାଙ୍ଗୀରର ପୁରୁଣାରାଜବାଟିର ଏକ ଅଂଶରେ ଥିବା ବର୍ତମାନର ଗୋପାଳଜୀମନ୍ଦିରର ପୁନଃରୁଦ୍ଧାର ବେଳେ ଏହି ଶତାୟୁ ଅନୁଷ୍ଠାନକୁ ଭାଙ୍ଗିଦେଇ ଚୁରମାର କରିଦିଆଯାଇଛି । ଆଗକୁ ମାର୍ଚ୍ଚ ୮ ତାରିଖ ମହିଳାଦିବସ ଅବସରରେ ଜିଲ୍ଲା ପ୍ରଶାସନ ତଥା ନେତାନେତ୍ରୀମାନେ ଅନେକ ଭାଷଣ ଦେବେ କିନ୍ତୁ ନାରୀମାନଙ୍କ ସଚେତନତା ପାଇଁ ଥିବା ଏକ ଅନୁଷ୍ଠାନକୁ ଭାଙ୍ଗି ଦିଆଗଲା ପରେ ମଧ କେହି ସ୍ୱରଉତୋଳନ କରୁନାହାଁନ୍ତି । ପାଟଣା ଇତିହାସରୁ ଜଣାଯାଏ ଯେ, ସ୍ୱାଧିନତା ପୂର୍ବରୁ ପାଟଣାଗଡଜାତ ରାଜ୍ୟରେ ଚୌହାନ ବଂଶର ରାଜାମାନେ ଶାସନ କଲାବେଳେ ଅନେକଗୁଡିଏ ଉନ୍ନତିମୂଳକ କାମ କରାଇଥିଲେ । ସ୍ୱର୍ଗତ ମହାରାଜ ପୃଥ୍ୱୀରାଜସିଂଦେଓ ଓ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ରାଜତ୍ୱ କାଳରେ ରାଜ୍ୟର ରାଜଧାନୀ ଥିବା ବଲାଙ୍ଗୀର ସହରରେ ଅନେକଗୁଡିଏ ଅନୁଷ୍ଠାନ ସ୍ଥାପନ କରିଥିଲେ । କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡା, କୃଷି ଓ ଜଳସେଚନ ତଥା ନାରୀସଚେତନତା ପାଇଁ ଅନେକଗୁଡିଏ ଅନୁଷ୍ଠାନ ଗଢିଥିଲେ । ସେଥିରେ ପୃଥ୍ୱୀରାଜ ହାଇସ୍କୁଲ, ଏଲଏଣ୍ଡଏସ କ୍ଲବ, ଦଳଗଞ୍ଜନ ପ୍ରେସ,ପାୱାରହାଉସ, ରାଜେନ୍ଦ୍ର କଲେଜ, ସହରରେ ୧୭ଟି ବନ୍ଧ, କୋସଳକଳାମଣ୍ଡଳ ପଡିଆ, ରାଜେନ୍ଦ୍ର କଲେଜ, ରାଜେନ୍ଦ୍ର କୃଷି ଗବେଷଣା କେନ୍ଦ୍ର, ରାଜେନ୍ଦ୍ରପାର୍କ ସହିତ ସୁନ୍ଦରକୁମାରୀ ଲେଡିଜକ୍ଲବ ଅନ୍ୟତମ । ଏହି ସବୁ ଅନୁଷ୍ଠାନ ବଲାଙ୍ଗୀରର ଅସ୍ମିତା ହୋଇ ଆଜି ଛିଡା ହୋଇରହିଛି । ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଜଣେ ପ୍ରଜାବତ୍ସଳ ରାଜା ଥିଲେ । ସେଥିପାଇଁ ସେ ଅନେକଗୁଡିଏ ଅନୁଷ୍ଠାନ ସ୍ଥାପିତ କରି ତାକୁ ପ୍ରୋତ୍ସାହିତ କରୁଥିଲେ । ଯେତେବେଳେ ନାରୀସମାଜ ସେତେଟା ଶିକ୍ଷିତ ହୋଇନଥିଲେ ଓ ଘରୁ ଗୋଡକାଢି ବାହାରକୁ ବାହାରୁନଥିଲେ ସେହି ସମୟରେ ନାରୀ ସଚେତନତା ପାଇଁ "ସୁନ୍ଦରକୁମାରୀ ଲେଡିଜ କ୍ଲବ" ସ୍ଥାପନ କରି ନାରୀମାନଙ୍କୁ ଅବସର ବିନୋଦନ ପାଇଁ ସୁଯୋଗ ଦେଇଥିଲେ । ନାରୀଶିକ୍ଷା ଓ ସଚେତନତାରେ ଯେ ସମାଜର ମଙ୍ଗଳ ହେବ ତାହା ସେ ସମୟରେ ଉପଲବ୍ଧି କରିଥିଲେ । ସେଥିପାଇଁ ଗୋପାଳଜୀମନ୍ଦିର ତଥା ରାଜେଶ୍ୱରୀ ଧର୍ମଶାଳାର ପଛପଟେ ପୁରୁଣାରାଜବାଟିର ଏକ ଅଂଶରେ ଲେଡିଜକ୍ଲବ ନିର୍ମାଣ କରାଇଥିଲେ । କ୍ଲବକୁ ଚୌହାନରାଜା ଦଳଗଞ୍ଜନ ସିଂଦେଓଙ୍କ ମହରାଣୀ ତଥା ମହାରାଜା ପୃଥ୍ୱୀରାଜ ସିଂଦେଓଙ୍କ ରାଜମାତା ସୁନ୍ଦରକୁମାରୀ ଦେବୀଙ୍କ ନାମରେ ନାମିତ କରିଥିଲେ । ୧୯୪୧ ମସିହାରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଓ ମହାରାଣୀ କୈଳାଶ କୁମାରୀ ଦେବୀ ନାରୀ ସଚେତନତା ଓ ନାରୀଙ୍କ ଉତଥାନ ପାଇଁ ନେଇଥିବା ପଦକ୍ଷେପକୁ ଆଜି ମଧ ପ୍ରଶଂସା କରାଯାଇଥାଏ । ମହାରାଣୀ ସୁନ୍ଦର କୁମାରୀ ଦେବୀ ମଧ ଜଣେ ପ୍ରଜାହିତୈଷୀ ଥିଲେ ଓ ସେ ସହରର ମଧଭାଗରେ ରାଣୀବନ୍ଧକୁ ନିଜସ୍ୱ ଅର୍ଥରେ ଖୋଲାଇଥିଲେ । ଅନେକ ମହିଳାଙ୍କୁ ମଧ ସେ ସହାୟତାର ହାତ ବଢାଉଥିଲେ ତେଣୁ ତାଙ୍କ ସ୍ମୃତିରେ ରାଜେନ୍ଦ୍ର ନାରାୟଣ ସିଂଦେଓ ଓ ମହାରାଣୀ କୈଳାଶକୁମାରୀ ଦେବୀ ଲେଡିଜ କ୍ଲବର ନାମକରଣ କରି ବଲାଙ୍ଗୀର ବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିକୃତ କରିଥିଲେ ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ଝାରସୁଗୁଡ଼ା, ୦୭/୩ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ 'ସୂଚନା ଅଧିକାର ଆଇନ, ୨୦୦୫' କର୍ମଶାଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ଏକ ଦିନିକିଆ କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିଆରସିଂହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିଜ ଅଭିଭାଷଣରେ କହିଥିଲେ ଯେ, ଆରଟିଆଇ ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧି ହେବା ସହ ନାଗରିକମାନେ ସରକାରୀ ଯୋଜନା ବିଷୟରେ ସିଧାସଳଖ ତଥ୍ୟ ପାଇପାରିବେ। ଏହି ଆଇନ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିଥାଏ। ବିଶେଷ କରି 'ସେକ୍ସନ ୪' ଅନୁଯାୟୀ ସ୍ୱତଃପ୍ରବୃତ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଲେ ନାଗରିକଙ୍କ ବିଶ୍ୱାସ ବୃଦ୍ଧି ପାଇବା ସହ ଆବେଦନ ସଂଖ୍ୟା ମଧ ହ୍ରାସ ପାଇବ। ଏହାକୁ ଏକ ବୋଝ ନଭାବି ସେବା ପ୍ରଦାନର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ସେହିଭଳି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର କହିଥିଲେ ଯେ, ଆରଟିଆଇ କୁ କେବଳ ଆଇନଗତ ପ୍ରକ୍ରିୟା ବା ଅଭିଯୋଗ ପଦ୍ଧତି ଭାବେ ନଦେଖି ଏକ ଉନ୍ନତ 'ମ୍ୟାନେଜମେଂଟ ସିଷ୍ଟମ' ଭାବେ ଗ୍ରହଣ କରିବା ଉଚିତ। ପୋଲିସ ବିଭାଗରେ ଏହାର ପ୍ରଭାବଶାଳୀ ରୂପାୟନ ଏକ ଜନ-କୈନ୍ଦ୍ରିକ ପ୍ରଶାସନ ଗଠନ କରିବାରେ ସହାୟକ ହେବ।

ଏହି କର୍ମଶାଳାରେ ୧୦୦ ରୁ ଉର୍ଦ୍ଧ୍ୱ ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଲୁମିନସ ପ୍ରାଇଭେଟ୍ ଲିମିଟେଡର ପ୍ରଶିକ୍ଷକ ରଞ୍ଜନ କୁମାର ବକ୍ସି ସୂଚନା ଅଧିକାର ଆଇନ ରେ ଦରଖାସ୍ତ ଗ୍ରହଣ ଅନଲାଇନ ରେ ସମସ୍ତ ପ୍ରକ୍ରିୟା ସମ୍ପାଦାନ କୌଶଳ, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ଓ ଅତିଥିମାନଙ୍କ ଦ୍ୱାରା ନଗଦ ଅର୍ଥରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଶ୍ନୋତର ଅଧିବେଶନରେ ଅଧିକାରୀ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ପ୍ରତୀକ୍ଷାଳୟ

ମାଲକାନଗିରି, ୦୭/୩ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୭୯ ନିକଟରେ ଥିବା ଲଛୀପେଟା ଛକ ଯାତ୍ରୀ ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଅଭିଯୋଗ ହୋଇଛି । ଗତ ପ୍ରାୟ ଏକ ବର୍ଷ ଧରି ଏହି ଯାତ୍ରୀ ପ୍ରତୀକ୍ଷାଳୟର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ଦୃଷ୍ଟି ନଦେବାରୁ ବର୍ତମାନ ସମୟରେ ଏହା ଶ୍ରୀହୀନ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଥିରେ ଲଗା ଯାଇଥିବା ସରଞ୍ଜାମ ଗୁଡିକ ଭାଙ୍ଗି ଅଚଳ ହୋଇ ପଡିଥିବା ବେଳେ ଲୋକଙ୍କ ନିମନ୍ତେ ବସିବା ପାଇଁ ନିର୍ମିତ ଚେୟାର ଗୁଡିକ ମଧ ଭାଙ୍ଗି ଏଣେତେଣେ ଫୋପାଡ଼ି ହୋଇ ପଡିଥିବା ଦେଖିବାକୁ ମିଳିଛି । ଏହାସହ ଉକ୍ତ ପ୍ରତୀକ୍ଷାଳୟ ପରିସରରେ ଅଳିଆ ଆବର୍ଜନା ପଡିରହିଥିବା ବେଳେ ଏହା ଏବେ ବୁଲା ଗୋରୁ ଏବଂ ଅନ୍ୟ ଗୃହପାଳିତ ପଶୁଙ୍କର ଆଶ୍ରୟସ୍ଥଳୀ ପାଲଟିଛି । ବର୍ତମାନ ଜିଲ୍ଲାରେ ପାରଦସ୍ତର ଉପରମୁହାଁ ହୋଇଥିବା ବେଳେ ଖରା ଓ ତାତିରେ ଯାତ୍ରୀମାନେ କିଭଳି ଛଟପଟ ହେଉଛନ୍ତି ତାହା ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ଛକକୁ ଦେଖିଲେ ସ୍ପଷ୍ଟଭାବେ ଅନୁମାନ କରିହେବ । ତାପମାତ୍ରା ବୃଦ୍ଧି ସତ୍ୱେ କାଲିମେଳା ବ୍ଲକର ପ୍ରମୁଖ ଛକମାନଙ୍କରେ ଏହି ଭଳୀ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧା ନଥିବାରୁ ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ସହ ଉଜୁଡ଼ି ହୋଇ ରହିଥିବା ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଚଳିତ ବଜେଟ ବିକଶିତ ଓଡିଶାର ସ୍ୱପ୍ନକୁ ସତ କରିବ: ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଝାରସୁଗୁଡା, ୦୭/୩ (ନି.ପ୍ର): ଚଳିତ ବିଧାନସଭାରେ ପାରିତ ହୋଇଥିବା ରାଜ୍ୟ ବଜେଟ ବିକଶିତ ଓଡିଶାର ସ୍ୱପ୍ନକୁ ସତ କରିବା ସହ ଏହା ଏକ ଐତିହାସିକ ବଜେଟ ବୋଲି ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି। ଶନିବାର ପୂର୍ବାହ୍ନରେ ଝାରସୁଗୁଡାର ଏକ ଘରୋଇ ହୋଟେଲରେ ଆୟୋଜିତ ପ୍ରେସ ମିଟରେ ସେ ଏହି ସୂଚନା ଦେଇଥିଲେ।

ସେ କହିଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟର ବଜେଟ ପ୍ରାୟ ୩.୧୦ ଲକ୍ଷ କୋଟି ଟଙ୍କାର ହୋଇଥିବା ବେଳେ ଏହା ବିକଶିତ ଓଡିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନକୁ ଧ୍ୟାନରେ ରଖି ପାରିତ କରାଯାଇଛି। ଏହି ବଜେଟରେ ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ୧୬ କୋଟି ଟଙ୍କା ବ୍ୟୟ କରିବା ସହ ରାଜ୍ୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ଖୋଲିବାକୁ ସରକାର ନିଷ୍ପତି ନେଇଛନ୍ତି। ଏହା ମଧ୍ୟରୁ ଝାରସୁଗୁଡାରେ ମଧ ଏକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ ବୋଲି ସେ କହିଛନ୍ତି। ଏହା ସହିତ ରାଜ୍ୟରେ ୪ଟି ଆୟୁର୍ବେଦିକ କଲେଜ, ୬ଟି ମେଡିକାଲ କଲେଜ, ୨ଟି ଇଞ୍ଜିନିୟରିଂ କଲେଜ, ୨ଟି ହୋମିଓପ୍ୟାଥିକ କଲେଜ, ଏକ କୃଷି ବିଶ୍ୱବିଦ୍ୟାଳୟ ଓ ଏକ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ପାଇଁ ବଜେଟରେ ବ୍ୟବସ୍ଥା ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ଗାଁରୁ ଗାଁକୁ ସଂଯୋଗ କରିବା ପାଇଁ ପିଡବ୍ଲ୍ୟୁଡି ବିଭାଗକୁ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରାଯାଇଥିବା ସେ କହିଥିଲେ। ଏହା ସହ ନୂତନ ଯୋଜନା ମଧ୍ୟରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ, ଅଟଳ ରକ୍ତଦାନ ଯୋଜନା, ୧୦୦୦ଟି ଆଇସିୟୁ ବେଡ଼ ଓ ୫୦୦୦ଟି ନୂତନ ହସ୍ପିଟାଲ ବେଡ଼ ସୃଷ୍ଟି କରିବାକୁ ବ୍ୟବସ୍ଥା ରହିଛି। ସାମାଜିକ କଲ୍ୟାଣ କ୍ଷେତ୍ରରେ ୬ ଲକ୍ଷ ୫୦ ହଜାରରୁ ଅଧିକ ଲୋକଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତା ଦିଆଯିବ। ଏହା ସହିତ ରାସନ କାର୍ଡ ଧାରୀମାନଙ୍କୁ ପୂର୍ବରୁ ମିଳୁଥିବା ୫ କେଜି ଚାଉଳ ପରିବର୍ତେ ୧୦ କେଜି ଚାଉଳ ଦିଆଯିବ ବୋଲି ସେ ଜଣାଇଥିଲେ। ଏହି ବଜେଟ ଉତ୍କର୍ଷ ଓଡିଶା ଗଠନରେ ସହାୟକ ହେବା ସହ ସମସ୍ତ ସ୍ତରର ଲୋକମାନେ ଏଥିରୁ ଲାଭାନ୍ୱିତ ହେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ।

# ମନ୍ଦିର ପରିସରରେ ମଦ୍ୟପଙ୍କ ଆସର: କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ସମ୍ବଲପୁର, ୦୭/୩ (ନି.ପ୍ର): ବିଜେଡି ସରକାର ଅମଳରେ ରାଜ୍ୟର ବିଭିନ୍ନ ମନ୍ଦିରର ସଂସ୍କାର କାର୍ଯ୍ୟ କରାଇ କୋଟି କୋଟି ଟଙ୍କା ବ୍ୟୟ କରିଥିଲେ । ହେଲେ ରକ୍ଷଣାବେକ୍ଷଣା ଦିଗକୁ ଅଣଦେଖା କରାଯିବା ଫଳରେ ଏବେ ବିଭିନ୍ନ ପୀଠ ଶ୍ରୀହୀନ ହେବାରେ ଲାଗିଛି। ସମ୍ବଲପୁରର ଆରାଧ ଦେବୀ ମା ସମଲେଇଙ୍କ ପୀଠ ତଥା ସମଲେଶ୍ୱରୀ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାସ୍ତାଘାଟ ଠୁଁ ନେଇ ମନ୍ଦିର ପରିସରକୁ ଭଲ ଭାବରେ ସଜାଡିବା ପରେ ଆକର୍ଷଣୀୟ ଆଲୋକୀକରଣ ବ୍ୟବସ୍ଥା ମଧ କରିଥିଲେ । ପୂର୍ବାପେକ୍ଷା ଯାତ୍ରୀଙ୍କ ସହ ଶ୍ରଦ୍ଧାଳୁଙ୍କ ସଂଖ୍ୟା ମଧ ବଢିବାରେ ଲାଗିଲା । ହେଲେ ମନ୍ଦିର ପରିସରରେ ଥିବା ଦୀପଘର ପଛପଟ ଏବେ ଏକ ଅସ୍ଥାୟୀ ମଦ ଆସରର ରୂପ ନେଇଥିବା ଘଟଣା କେବଳ ସମ୍ବଲପୁରବାସୀ ନୁହଁନ୍ତି ସମସ୍ତ ଶ୍ରଦ୍ଧାଳୁଙ୍କ ମହଲରେ ନୈରାଶ୍ୟତା ସୃଷ୍ଟି କରାଇଛି । ଯେତେବେଳେ ମନ୍ଦିରର ସୁରକ୍ଷା ପାଇଁ ଶତାଧିକ ସୁରକ୍ଷା କର୍ମୀ ନିଯୁକ୍ତି ହୋଇଛନ୍ତି ତାହା ପରେ ଏପରି ଅସାମାଜିକ କାର୍ଯ୍ୟକଳାପ ହୋଇପାରିଲା କିପରି ? ଏହା ଦିନେ କି ଦୁଇ ଦିନର ନୁହେଁ, ମାସ ମାସ ଧରି ନିୟମିତ ବ୍ୟବଧାନରେ କିଛି ମଦ୍ୟପଙ୍କ କାରନାମା ଏଠାରେ ପରିଲକ୍ଷିତ ହୋଇଛି।

# ଭୂଷଳ ସେବା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ

ଭୁବନ, ୦୭/୩ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପ୍ରାଥମିକ ସେବା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହକୁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଥିଲେ। ନୂତନ ଗୃହ ପ୍ରବେଶ ଅବସରରେ ସେବା ସମବାୟ ସମିତି ସଭାପତି ସହଦେବ ପରିଡ଼ାଙ୍କ ଅଧକ୍ଷତା ଓ ପଙ୍କଜ ନାୟକଙ୍କ ସଂଯୋଜନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ତଥା ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ର ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଚାଷୀ ଭାଇ ମାନଙ୍କୁ ଋଣ, ସାର, ବିହନ, ଔଷଧ ସହିତ ପର୍ଯ୍ୟାପ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି କହିଥିଲେ । ଏ ୟୁ ସି ସି ବ୍ୟାଙ୍କ ,ଭୁବନ ଶାଖା ପରିଚାଳକ ସୁଦାମ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୂଷଳ ସରପଂଚ ଉତମ ପଣ୍ଡା, ବ୍ୟାଙ୍କ ସୁପର ଭାଇଜର ପ୍ରୀତି ବର୍ଦ୍ଧନ ମହାନ୍ତି, ସହ ସଂପାଦକ ଅନିଲ ଖୁଂଟିଆ, ଡାଟା ଏଂଟ୍ରି ଅପରେଟର ଅଖିଳ ମୋହନ ତରାଇ ଯୋଗ ଦେଇଥିଲେ । ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବରିଷ୍ଠ କୃଷକ ପ୍ରଭାତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାର୍ଚ୍ଚ ୨୨ରୁ ଘଟଗାଁରୁ ଚାଷୀ ଗଣ ପଦଯାତ୍ରା ଓ ସତ୍ୟାଗ୍ରହ : ସୋନପୁରରୁ ଯୋଗ ଦେବେ ହଜାର ହଜାର ଚାଷୀ

ସୁବର୍ଣ୍ଣପୁର, ୦୭/୩ (ନି.ପ୍ର): ସୋନପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଙ୍ଗଠନ ଓ ଜିଲ୍ଲା କୃଷକ ସଙ୍ଗଠନ ସୁବର୍ଣ୍ଣପୁର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଆଗାମୀ ମାର୍ଚ୍ଚ ୨୨ରୁ ମାର୍ଚ୍ଚ ୩୧ କେନ୍ଦୁଝର ଘଟଗାଁ ତାରିଣୀରୁ ଭୁବନେଶ୍ୱର ଅଭିମୁଖେ ହେବାକୁ ଥିବା ଚାଷୀ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହରେ ସୋନପୁର ଜିଲ୍ଲାରୁ ଚାଷୀମାନେ ଜୋରଦାର ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ନବନିର୍ମାଣ କୃଷକ ସଙ୍ଗଠନର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପାଢ଼ୀ ।

ଜିଲ୍ଲା କୃଷକ ସଙ୍ଗଠନର ସଭାପତି ବୈକୁଣ୍ଠ ଶତପଥୀ କହିଛନ୍ତି, 'ଏହି ସତ୍ୟାଗ୍ରହର ବାର୍ତା ଗାଁ ଗାଁରେ ପହଂଚିବ ଓ ସୋନପୁର ଜିଲ୍ଲାରୁ ହଜାର ହଜାର ଚାଷୀ ଓ ବିଭିନ୍ନ ଚାଷୀ ସଙ୍ଗଠନ ଏହି ପଦଯାତ୍ରାରେ ଉତ୍ସାହ ପୂର୍ବକ ଯୋଗ ଦେବେ । ସୋନପୁର ଜିଲ୍ଲା କ୍ଷେତ୍ରଫଳ ଦୃଷ୍ଟିରୁ ଓଡ଼ିଶାର ୨୯ତମ ଜିଲ୍ଲା ହେଲେ ମଧ ଧାନ ଉତ୍ପାଦନ ଦୃଷ୍ଟିରୁ ଖରିଫରେ ୪ର୍ଥ ଏବଂ ରବି ଋତୁରେ ତୃତୀୟ ସ୍ଥାନ ଅଧିକାର କରିଛି । ଏହାର ଅର୍ଥ ସୋନପୁର ଜିଲ୍ଲାର ୯୫ ପ୍ରତିଶତ କେବଳ ଚାଷ ଉପରେ ନିର୍ଭରଶୀଳ । ତୃତୀୟ ସ୍ଥାନ ଅଧିକାର କରିଥିଲେ ହେଁ ଜିଲ୍ଲାର କୃଷି ଭିତିଭୂମି ଭୁଶୁଡି ପଡିଛି । ନିଜର କଷ୍ଟ ଉପାର୍ଜିତ ଧାନ ଟିକକ ବିକ୍ରି କରିବାକୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅନେକ ଚାଷୀଙ୍କର ତୃତୀୟ ଓ ଚତୁର୍ଥ ଟୋକେନ୍ ଏଯାଏଁ ଆସିନାହିଁ । ନିଜ ଅଧିକାରର ଧାନ ବିକା ପଇସାକୁ ଚାଷୀ ବ୍ୟାଙ୍କରୁ ଉଠାଇ ପାରୁନାହିଁ। ଅର୍ଥ ଉଠାଣ ଦିନକୁ ୨୦ ହଜାରରେ ସୀମିତ କରିଦିଆ ଯାଉଛି । ଏନଇଏଫଟି ମଧ କରାଯାଉନାହିଁ । ଏହାଦ୍ୱାରା ନିଜ ଧାନ ବିକା ପଇସା ଥାଇ ମଧ ବିବାହ, ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିରେ ପଇସା ଉଠାଇ ନପାରି ମହାଜନୀ ସୁଧ ବ୍ୟବସ୍ଥାରେ ଚାଷୀମାନେ ଫସିବାକୁ ବାଧ ହେଉଛନ୍ତି । ଏହିସବୁ ସମସ୍ୟା ସହ ୨୧ ଦଫା ଦାବି ନେଇ ଚାଷୀମାନେ ନିଜ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନର ଲଢ଼େଇ ଲଢ଼ିବେ ଏବଂ ନିଜ ଅଧିକାର ଛଡ଼େଇ ଆଣିବେ ବୋଲି ଜିଲ୍ଲା ସହ-ସଂଯୋଜକ ସୁଧୀର ବଘାର କହିଛନ୍ତି । ମୁଖ୍ୟ ଦାବି ମଧ୍ୟରେ ସଂକଳ୍ପ ପତ୍ର ଅନୁଯାୟୀ ବାର୍ଦ୍ଧକ୍ୟ ଭତାକୁ ୩୫୦୦କୁ ବୃଦ୍ଧି କରିବା, ରିଲିଫ କୋଡ୍ କୁ 'କ୍ଷତି ଯେତେକୁ ଦିଅ ସେତେ' ଆଧାରରେ ସଂଶୋଧନ କରିବା, ପଞ୍ଜୀକରଣରେ ସରଳୀକରଣ, ଜଳ-ଜଙ୍ଗଲ-ଜମିର ସୁରକ୍ଷା, ଧାନ କ୍ୱିଣ୍ଟାଲ ୫୦୦୦/-କୁ ବୃଦ୍ଧି, ତଥା ସର୍ବୋପରି ସମ୍ବିଧାନର ଧାରା ୨୧ (ଜୀବନ ଓ ଜୀବିକାର ଅଧିକାର) ଆଧାରରେ ୨୦ବର୍ଷରୁ ବୟସ୍କ ଚାଷୀଙ୍କୁ ମାସିକ ଦଶ ହଜାର ଟଙ୍କାର ଚାଷୀ ସୁରକ୍ଷା ଭତା ପ୍ରଦାନ କରିବା ସାଙ୍ଗକୁ ସମସ୍ତ ଚାଷୀଙ୍କୁ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା ଆଦି ରହିଛି ।

ଶ୍ରୀ ପାଢୀ କୁହନ୍ତି, 'ଆମ ସଂଗଠନ ଓ ଆମ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ବିଚାରରେ, ଯଦି ଭାଗେ ଚାକିରୀଆ ବଜେଟର ୫୦ ଭାଗ ଅର୍ଥ ଦରମା ଓ ପେନସନ ଆକାରରେ ନେଇଯିବେ ତେବେ ସତୁରୀ ଭାଗ ଚାଷୀ ନିଜ ଅଧିକାରର ଭାଗ କାହିଁକି ନେବେ ନାହିଁ ? ଯଦି ତିନି ଲକ୍ଷ ଦଶ ହଜାର କୋଟି ବଜେଟର ସାତଭାଗରୁ ଭାଗେ ସତୁରୀ ଭାଗ ଚାଷୀଙ୍କ ପାଇଁ ଦେଇଦିଆଯାଏ ତେବେ ୩୬ ଲକ୍ଷ ଚାଷୀ ପରିବାରର ଜଣେଜଣେ ଯୁବ ଚାଷୀ ଏହି ସୁରକ୍ଷା ଭତା ପାଇପାରିବେ। ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯିବେ ନାହିଁ । ଏବଂ ଏହାଦ୍ୱାରା କୃଷି କୈନ୍ଦ୍ରିକ କୁଟୀରଶିଳ୍ପ ବଢ଼ି ଚାଲିବ।' ତେଣୁ ଏହି ସତ୍ୟାଗ୍ରହକୁ ସଫଳ କରିବା ନିମନ୍ତେ ସୋନପୁର ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଚାଷୀ ଯୋଗଦେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛି ସଂଗଠନ ।

# ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ମୁଖୀଗୁଡା, ୦୭/୩ (ନି.ପ୍ର): ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟ ଜୟପାଟଣାର ୩୭ତମ ବାର୍ଷିକୋତ୍ସବ ପାଳନ ସହ ନୂତନ କୋଠାର ଶୁଭଉଦଘାଟନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବୈଦ୍ୟନାଥ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିସାରୀ, ମୁଖ୍ୟ ବକ୍ତା ଭାବେ ଗବେଷକ ସତ୍ୟନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜୟପାଟଣା ତହସିଲଦାର ସୁଶ୍ରୀ ଦୀପ୍ତିରେଖା ବାଗ, ଓ ବିଜେପି ନେତା ଅବିନାଶ ନନ୍ଦ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମୁଖ୍ୟ ଅତିଥି ଶ୍ରୀ ଦିଶାରୀ ମହାବିଦ୍ୟାଳୟରେ ପଢୁଥିବା ସମୟର ସ୍ମୃତିଚାରଣ କରିଥିଲେ।

# ମହିଳା ସୁସ୍ଥ ତ ସମାଜ ସୁସ୍ଥ: କେନ୍ଦୁଝର ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ଜମୁଛି ମହିଳା ଦିବସର ଉତ୍ସବ

କେନ୍ଦୁଝର, ୦୭/୩ (ନି.ପ୍ର): ମହିଳାମାନଙ୍କ ସ୍ୱାସ୍ଥ୍ୟ, ସଶକ୍ତିକରଣ ଏବଂ ନେତୃତ୍ୱକୁ ନୂତନ ଦିଶା ଦେବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ଆସନ୍ତା ୬ ମାର୍ଚ୍ଚରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ତିନି ଦିନ ଧରି 'ଆନ୍ତର୍ଜାତୀୟ ମହିଳା ଦିବସ' ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଉଦଘାଟନୀ ଦିବସରେ "ତାଙ୍କ ଶରୀର ତାଙ୍କ ଶକ୍ତି" ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିନରେ ସାମୂହିକ ଯୋଗ ଶିବିରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଉତ୍ସାହିତ କରାଯାଇ ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ ଓ ଦେଶୀୟ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ସୁସ୍ଥ ପରିବାର ଓ ସମାଜ ପାଇଁ ଜଣେ ମହିଳା ହେଉଛନ୍ତି ପରିବାରର ତଥା ସମଜ ର କେନ୍ଦ୍ରବିନ୍ଦୁ। ଯଦି ଜଣେ ମହିଳା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରୁହନ୍ତି, ସେ କେବଳ ନିଜ ପାଇଁ ନୁହେଁ, ବରଂ ନିଜ ପରିବାର, ଗ୍ରାମ ଏବଂ ସମଗ୍ର ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି। ଦ୍ୱିତୀୟ ଦିନରେ 'ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର' ବିଷୟବସ୍ତୁକୁ ଆଧାର କରି ମହିଳାମାନଙ୍କ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନେକ ସମୟରେ ମହିଳାମାନେ ରାସ୍ତାଘାଟରେ ଅସଦାଚରଣ ବା ଭୟର ସମ୍ମୁଖୀନ ହୁଅନ୍ତି। ଆତ୍ମରକ୍ଷା କୌଶଳ ସେମାଙ୍କୁ ନିର୍ଭୟରେ ପ୍ରତିବାଦ କରିବାର ଶକ୍ତି ଦେଇଥାଏ । ଏହା କେବଳ ଶାରୀରିକ ଶକ୍ତି ବଢ଼ାଏ ନାହିଁ, ବରଂ ଜରୁରୀକାଳୀନ ପରିସ୍ଥିତିରେ କିପରି ଶାନ୍ତ ରହି ବୁଦ୍ଧି ପ୍ରୟୋଗ କରିବାକୁ ହେବ, ତାହା ଶିଖାଏ। ଯେତେବେଳେ ଜଣେ ମହିଳା ଜାଣନ୍ତି ଯେ ସେ ନିଜକୁ ରକ୍ଷା କରିବାକୁ ସକ୍ଷମ, ସେତେବେଳେ ସେ କୌଣସି ଭୟ ନଥାଇ ସ୍ୱାଧୀନ ଭାବେ ନିଜର ଶିକ୍ଷା ଓ ବୃତି କ୍ଷେତ୍ରରେ ଆଗକୁ ବଢ଼ିପାରନ୍ତି। ଏହି ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଆହ୍ୱାନର ଦୃଢ଼ ମୁକାବିଲା କରିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜୁଡୋ, ବକ୍ସିଂ, କରାଟେ ଏବଂ ମୁଆଇ ଥାଇ ଭଳି ସମରକଳାର ପ୍ରଶିକ୍ଷଣ ଓ ଚିତାକର୍ଷକ ପ୍ରଦର୍ଶନ କରାଯାଇଥିଲା।

# ଅଖିଳ ଭାରତ କୃଷକସଭା ତରଫରୁ ୭ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୦୭/୩ (ନି.ପ୍ର): ଅଖିଳ ଭାରତ କୃଷକସଭା ଏ.ଆଇ.କେ.ଏସ. କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଏକ ସାତଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ସମସ୍ତ ମଣ୍ଡିଗୁଡିକୁ ସୁବ୍ୟବସ୍ଥିତ କରାଯାଇ ସମସ୍ତ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣାଯାଉ । ଟୋକନ୍ ପାଇନଥିବା ତାରିଖ ପଳାଇଥିବା ଭାଗଚାଷୀ ଧାନ କିଣାରୁ ମନା କରିବା ବନ୍ଦ ହେଉ । ଅଖାକୁ ଆଗରୁ ନଦେଇ ବର୍ତମାନ ଦେବାଦ୍ୱାରା ଯେଉଁ କ୍ଷତି ଚାଷୀ ସହିଛି ତାକୁ ପୂରଣ କରାଯାଉ । ଚାଷୀଙ୍କୁ ଧାନ କ୍ୱିଂଟାଲ୍ ୩୧୨୯ ଟଙ୍କା ପ୍ରଦାନ କରିବା ସଂଗେସଂଗେ ଚାଷୀଶୋଷଣ ବନ୍ଦ କରାଯାଉ, ରାଜନଗର ଚାଷୀ ତ୍ରିଲୋଚନ ନାଥଙ୍କୁ କ୍ଷତିପୂରଣ ସହିତ ଜଣଙ୍କୁ ନିଯୁକ୍ତି ଓ ବିଚାରବିଭାଗୀୟ ତଦନ୍ତ ହେଉ । ଏହି ଦାବିପତ୍ର ପ୍ରଦାନ ସମୟରେ ରମଣୀରଂଜନ ରାଉତରାୟ, ଆଦିକନ୍ଦ ରାଉଳ, ସୁହାନାବେଗମ୍, ବିକାଶଚନ୍ଦ୍ରବେଉରା, ସୀତାକାନ୍ତ ନାୟକ, କେଦାରନାଥ ସାମନ୍ତରାୟ, ପ୍ରମୋଦ ରାଉତ, ପ୍ରତ୍ୟୁଷରଂଜନ ବେଉରା, ସୋମେନ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସି ଆଇ.ଏସ.ଏଫର ୫୭ତମ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର ଆୟୋଜିତ

ଜୟପୁର, ୦୭/୩ (ନି.ପ୍ର): ନାଲକୋ କେନ୍ଦ୍ରୀୟ ସୁରକ୍ଷା ବାହିନୀ ତରଫରୁ ସି ଆଇ. ଏସ. ଏଫ. ର ୫୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୁରକ୍ଷା ବିହାର ସ୍ଥିତ ଦରବାର ହଲରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବରିଷ୍ଠ କମାଣ୍ଡାଂଟ ସତ୍ୟଦେବ ଆର୍ଯ୍ୟା ଓ ତାଙ୍କ ସହଧର୍ମିଣୀ ପୁନମ୍ ଆର୍ଯ୍ୟା ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ପୁନମ ଆର୍ଯ୍ୟା, ବରିଷ୍ଠ କମାଣ୍ଡାଂଟ ସତ୍ୟଦେବ ଆର୍ଯ୍ୟା ଓ ତାଙ୍କ ପୁଅ ସୁଶାନ୍ତ ଆର୍ଯ୍ୟା ପ୍ରଥମେ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଙ୍କ ସହ ଡେପୁଟୀ କମାଣ୍ଡାଂଟ ନରେନ୍ଦ୍ର ସିଂ ଓ ତାଙ୍କ ପତ୍ନୀ ମୋହିତକ୍ଷ ସିଂ ମଧ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଆର୍ଯ୍ୟା ରକ୍ତଦାନ ଦ୍ୱାରା ଆମର ଫାଇଦା ହେଇ ଥାଏ ଓ କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଂଟ ନରେନ୍ଦ୍ର ସିଂ,ଇନ୍ସପେକ୍ଟର ଆର କେ ମହାରଣା, ରାନୀ ଜକ୍ଷକବ ଓ ଏଫ୍ ବି ଡି ଓ ର ରାଜ୍ୟ ସଭାପତି ଡ଼ଃ ନରେଶ ଚନ୍ଦ୍ର ସାହୁ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସହୀଦ ଲକ୍ଷ୍ମଣ ନାୟକ ବ୍ଲଡ ସେଂଟର୍ ଅଫିସର ଡଃ ଏମ୍ ଏସ. ବଳିଆରସିଂହ ଓ ଓଡ଼ିଶା ରକ୍ତଦାତା ମହାସଂଘର ଡ଼ଃ ନରେଶ ଚନ୍ଦ୍ର ସାହୁ ଓ ପ୍ରଦୀପ କୁମାର ତ୍ରିପାଠୀ ଓ ତପନ ସ୍ୱାଇଁଙ୍କ ତତ୍ୱାବଧାନରେ ବ୍ଲଡ ସେଣ୍ଟରର ରକ୍ତ ସଂଗ୍ରହକାରୀ ରଂଜିତ ସାହୁ, ଗୀତା ପରିଡ଼ା, ରବୀନ୍ଦ୍ର ମିଶ୍ର, ଅଜିତ ଗୌଡ଼ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।

# 'ଅଁଳା' ଶରୀର ପାଇଁ ଅମୃତ: ଖାଇଲେ ରୋଗ ହେବ ଦୂର,ବଢ଼ିବ ଚେହେରାର ଚମକ



ଯଦି ପ୍ରକୃତିର କୌଣସି ଅମୂଲ୍ୟ ଉପହାର ଥାଏ, ତେବେ ତାହା ହେଉଛି 'ଅଁଳା' । ଆୟୁର୍ବେଦରେ ଏହାକୁ 'ଧାତ୍ରୀ ଫଳ' ବୋଲି କୁହାଯାଏ, ଯାହାର ଅର୍ଥ ହେଉଛି ମା' ପରି ରକ୍ଷା କରୁଥିବା ଫଳ । ଏହି ଛୋଟ ଶାଗୁଆ ରଙ୍ଗର ଫଳଟି ଗୁଣର ଭଣ୍ଡାର ଏବଂ ଶୀତଦିନେ ଯେତେବେଳେ ଆମର ରୋଗ ପ୍ରତିରୋଧକ ଶକ୍ତି କମିଯାଏ, ସେତେବେଳେ ଅଁଳା ଏକ 'ସଞ୍ଜୀବନୀ' ଭଳି କାମ କରିଥାଏ । ମାତ୍ର ଏହାର ସୁଫଳ ପାଇବା ପାଇଁ ଏହାକୁ ସଠିକ୍ ପରିମାଣରେ ଏବଂ ସଠିକ୍ ପ୍ରକ୍ରିୟାରେ ଖାଇବା ନିହାତି ଜରୁରୀ । ଅଁଳାର ଚମତ୍କାରୀ ଉପକାରିତା ବିଷୟରେ କହିବାକୁ ଗଲେ, ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍-ସି ଥାଏ, ଯାହା ଶରୀରକୁ ସଂକ୍ରମଣରୁ ରକ୍ଷା କରିବା ସହ ସାଧାରଣ ଥଣ୍ଡା, କାଶ ଏବଂ ଜ୍ୱରକୁ ଦୂରେଇ ରଖେ । କେବଳ ସେତିକି ନୁହେଁ, ଯଦି ଆପଣ କେଶ ଝଡ଼ିବା ସମସ୍ୟାରେ ଚିନ୍ତିତ କିମ୍ବା ତ୍ୱଚାରେ ପ୍ରାକୃତିକ ଚମକ ଚାହୁଁଛନ୍ତି, ତେବେ ଅଁଳା ସେବନ ନିଶ୍ଚିତ କରନ୍ତୁ । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ବାର୍ଦ୍ଧକ୍ୟର ଛାପକୁ ରୋକିଥାଏ ଏବଂ କେଶକୁ ମୂଳରୁ ଶକ୍ତ କରିଥାଏ । ପେଟ ଜନିତ ସମସ୍ୟା ଯଥା ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ପାଇଁ ଏହା ରାମବାଣ ସଦୃଶ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ବେଶ୍ ସହାୟକ ହୋଇଥାଏ । ଏହା ସହିତ ଏଥିରେ ଥିବା ଭିଟାମିନ୍-ଏ ଆଖିର ଦୃଷ୍ଟିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ମନେ ରଖନ୍ତୁ ଅଁଳା ଖାଇବା ଯେତିକି ଭଲ, ଏହାର ଅତ୍ୟଧିକ ସେବନ ମଧ ସେତିକି କ୍ଷତିକାରକ ମଧ ହୋଇପାରେ । ସାଧାରଣତଃ ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ମାତ୍ର ଗୋଟିଏ ରୁ ଦୁଇଟି ମଧ୍ୟମ ଆକାରର କଞ୍ଚା ଅଁଳା ଖାଇବା ଉଚିତ୍ । ଯଦି ଆପଣ ଅଁଳା ରସ ପିଉଛନ୍ତି, ତେବେ ୧୦ ରୁ ୨୦ ମିଲିଲିଟର ରସକୁ ଏକ ଗ୍ଲାସ୍ ପାଣିରେ ମିଶାଇ ପିଇବା ସବୁଠାରୁ ନିରାପଦ । ବିଶେଷ କରି ସକାଳୁ ଖାଲି ପେଟରେ ଅଁଳା ରସ କିମ୍ବା କଞ୍ଚା ଅଁଳା ସେବନ କରିବା ସବୁଠାରୁ ଅଧିକ ଲାଭଦାୟକ ହୋଇଥାଏ । ଯଦି କାହାକୁ କଞ୍ଚା ଅଁଳା ଖାଇବା ପସନ୍ଦ ନୁହେଁ, ତେବେ ସେମାନେ ଏହାକୁ ମୁରବା, ଚଟଣି କିମ୍ବା ଶୁଖିଲା ପାଉଡର ଭାବେ ମଧ ବ୍ୟବହାର କରିପାରିବେ । ତେବେ ଜାଣି ରଖନ୍ତୁ ଅଁଳାର ପ୍ରକୃତି ଶୀତଳ, ତେଣୁ ଯେଉଁମାନଙ୍କର ଅଧିକ ଥଣ୍ଡା ପ୍ରକୃତି କିମ୍ବା କିଡନୀ ସମସ୍ୟା ରହିଛି, ସେମାନେ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ସେବନ କରିବା ଉଚିତ୍ । ଏହାବ୍ୟତୀତ ଅଁଳା ଖାଇବା ପରେ ଅଧିକ ପରିମାଣରେ ପାଣି ପିଇବା ଶରୀର ପାଇଁ ହିତକର । ନିଜ ଖାଦ୍ୟ ତାଲିକାରେ ଏହି ସୁପରଫୁଡକୁ ସାମିଲ କରି ଆପଣ ନିଜକୁ ସୁସ୍ଥ ଓ ସତେଜ ରଖିପାରିବେ। ଏହା କେବଳ ଏକ ଫଳ ନୁହେଁ ବରଂ ପ୍ରକୃତିର ଏକ ବରଦାନ, ଯାହା ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ ।

# ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?



ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖାଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ। ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।ଁ ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ। ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।ଁ ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।ଁ ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।





ପିଲାଙ୍କଠାରୁ ବୟସ୍କ ସମସ୍ତେ ଚକଲେଟ୍ ଖାଇବାକୁ ଭଲପାଆନ୍ତି । ଡାର୍କ ଚକେଟ୍ ଖାଇବା ତ ଅନେକଙ୍କର ସଉକ ଥାଏ । ଯଦିଓ କମ୍ ମିଠା ଖାଇବା ସ୍ୱାସ୍ଥ ପାଇଁ ଭଲ ଝିଅମାନେ ଡାର୍କ ଚକଲେଟ୍ ଖାଇବାକୁ ଭଲପାଆନ୍ତି । କେବଳ ଏତିକି ନୁହେଁ କୁହାଯାଏ, ଓଜନ କମାଇବାରେ ଡାର୍କ ଚକଲେଟ୍ ଖାବାରେ କୌଣସି କ୍ଷତି ନାହିଁ । ଏବଂ ଅଧିକାଂଶ ଲୋକ ଏହାକୁ ମୁଡ୍ ବୁଷ୍ଟର ବୋଲି କୁହିଥାନ୍ତି । ଚକଲେଟ୍ ଖାଇଲେ ଦାନ୍ତ ଖରାପ ହେବାର ଶୁଣିଥିବେ, କିନ୍ତୁ ଏବେ ଡାର୍କ ଚକେଲକୁ ନେଇ ନୂଆ ତଥ୍ୟା ସାମ୍ନାକୁ ଆସିଛି । ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ରହିଛି ଯାହା ସ୍ୱାସ୍ଥ୍ୟ ପକ୍ଷେ ଭଲ । ଏହା ବଢୁଥିବା ବୟସକୁ ଧୀମା କରିବ । ଲଣ୍ଡନର କିଙ୍ଗସ୍ କଲେଜର ଏକ ଗ୍ରୁପ୍ ଅଧ୍ୟୟନ କରି ଉଲ୍ଲେଖ କରିଛନ୍ତି, ଚକୋଲେଟ୍ ରେ ଏକ ପ୍ରାକୃତିକ ତତ୍ତ୍ୱ ରହିଛି, ଯାହା ବୟସ ବୃଦ୍ଧି ସହ ଶରୀରରେ କୋଷିକାକୁ ସୁସ୍ଥ ରଖିବାରେ ବେଶ୍ ସହାୟକ ହୁଏ । ଯଦିଓ ଡାର୍କ ଚକଲେଟକୁ ଯାଦୁକରୀ ବୟସ ବିରୋଧୀ ଖାଦ୍ୟ ବୋଲି କୁହାଯାଇନ ପାରେ କିନ୍ତୁ ଏହି ଗବେଷଣାରୁ ଜଣାପଡ଼ିଛି , କିଛି ଉଦ୍ଭିଦରେ ମିଳୁଥିବା ରାସାୟନିକ ଉପାଦାନ ସହଜ ଉପାୟରେ ବୟସର ବାର୍ଦ୍ଧକ୍ୟକୁ ରୋକିବାରେ ସହାୟକ ହୁଏ । ଏହି ଅଧ୍ୟୟନ କୋକୋ ଏବଂ ଅନେକ ଗଛରେ ମିଳୁଥିବା ଏକ ପ୍ରକାରର ଫ୍ଲାଭାନଲ ଉପାଦାନ ଏପିକେ ଟେଚିନ୍ ଉପରେ କେନ୍ଦ୍ରିତ ଥିଲା । କୋକୋଆ ଗଛରେ ଥିବା ଏପିକେ ଟେଚିନ୍ ଉପାଦାନ ଶରୀରର ରକ୍ତବାହାର ଭିତର ଆବରଣ ଉପରେ ସିଧାସଳଖ ପ୍ରଭାବ ପକାଏ । ବୟସ ବଢ଼ିବା ସହ ରକ୍ତବାହୀର ଆବରଣ ଦୁର୍ବଳ ହୋଇଯାଏ, ଯାହା ରକ୍ତ ପ୍ରଭାବ, ହାର୍ଟ ଉପରେ ପ୍ରଭାବ ପକାଏ । କିନ୍ତୁ ଏପିକେଟେଚିନ୍ ରକ୍ତବାହୀ ନଳିଗୁଡ଼ିକରେ ରକ୍ତ ପ୍ରବାହକୁ ସାମାନ୍ୟ ରଖେ । ବୟସ ସହ ରକ୍ତ ପ୍ରବାହ ଧୀମା ହେଉଥିବାରୁ ଶରୀରରେ ବୟସର ଛାପ ଜଣାପଡ଼େ। କିନ୍ତୁ ଏପିକେ ଟେଚିନ୍ ରକ୍ତ ପ୍ରବାହକୁ ସ୍ୱାଭାବିକ ରଖୁଥିବାରୁ ଶରର ଉପରେ ବୟସର ଛାପ ଏତେଶୀଘ୍ର ଜଣାପଡ଼େନି । ହଁ ଯଦିଓ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡାର୍କ ଚକଲେଟ୍ ଖାଇଲେ ବାର୍ଦ୍ଧକ୍ୟ ଦୀମା ପଡ଼ିଯାଏ ଏହାର ଅର୍ଥ ନୁହେଁ ଏହାକୁ ବାରମ୍ବାର ଖାଇବା ଗଭଲ । କାରଣ ଏଥିରେ ସୁଗାର, ହାଇ କ୍ୟାଲୋରୀ, ସାଚୁରେଟେଡ୍ ଫ୍ୟାଟ ବି ଥାଏ ତେଣୁ ଏହାକୁ ପ୍ରତିଦିନ ଏକାଧିକ ଥର ଖାଇବା ଭଲ ନୁହେଁ । ସ୍ୱତାହରେ ୨ରୁ ୩ ଥର ଡାର୍କ ଚକଲେଟ୍ ଖାଇପାରିବେ ଏହାସହ ଏପିକେଟେଚିନ୍ ଓ ଫ୍ଲାନୋଲ୍ସ ଉପାଦାନ ଥିବା ଖାଦ୍ୟ ଖାଇବା ଉଚିତ । ଯେପରି ବିଭିନ୍ନ ପ୍ରକାର କୋଳି, ସେଓ,. ଚା', ଅଙ୍ଗୁରର ଆଦି ।



# ଡାର୍କ ସର୍କଲରୁ ଦେବ ମୁକ୍ତି : କରନ୍ତୁ ମାତ୍ର ଗୋଟିଏ ଉପଚାର





ଆଖି ଚାରିପଟେ କଳା ଦାଗ ପଡ଼ିବା ଯାହାକୁ ଡାର୍କ ସର୍କଲ କହିଲେ ସମସ୍ତେ ବୁଝିଯିବେ । ହେଲେ ଏହା କୌଣସି ରୋଗ ନୁହେଁ ବରଂ ଏହା ଏକ ସଙ୍କେତ କହିବା ଠିକ୍ ହେବ । ଆମ ଆଖି ଚାରିପଟେ ଯେଉଁ ଚର୍ମର ଆସ୍ତରଣ ଅଛି ତାହା ସବୁଠାରୁ ହାଲକା ଓ ପତଳା । ଖାଲି ଏତିକି ନୁହେଁ ଏହି ଚର୍ମରେ ତୈଳାକ୍ତ ଅଂଶ ସବୁଠୁ କମ୍। ଏଥିପାଇଁ ଅନେକ ସମୟରେ ଆଖି ଚାରିପଟ ଶୁଖିଲା ଦେଖାଯାଏ । ଏଥିପାଇଁ ଏଠାରେ ଡାର୍କ ସର୍କଲ ହୋଇଯିବା ଚଜରର-ଗଇଞଟଜର ଏଜିଙ୍ଗର ପ୍ରଥମ ସଙ୍କେତ ବୋଲି କୁହାଯାଇପାରେ ।

ଆଜିକା ଦିନରେ ଡାର୍କ ସର୍କଲର ସମସ୍ୟା ଅନେକଙ୍କଠାରେ ଦେଖାଯାଉଛି। ଏହା ଅତି ସାଧାରଣ ହୋଇଗଲାଣି ।ଏହାର ଅନେକ କାରଣ ହୋଇପାରେ। ରାତିରେ ଭଲଭାବେ ଶୋଇନପାରିବା। ଅତ୍ୟଧିକ ଚାପ , ନିଦରେ ସାଲିସ କରିବା, ଅତି ଲୁଣି ଖାଦ୍ୟ ଖାଇବା, ଫୋନ୍ ଓ ମୋବାଇଲର ବହୁଳ ବ୍ୟବହାର, ଶରୀର ରେ ପାଣିର ଅଭାବ, ଆଖିମଳିବା, ଅଧିକ ଖରାରେ କାମ କରିବା, ଅନେକ ସମୟରେ ନାକ ବନ୍ଦ ରହିବା, ବାୟୁ ପ୍ରଦୂଷଣ , ସିଗାରେଟ୍ ମଦ୍ୟପାନ କରିବା, ମାନସିକ ଚାପରେ ରହିବା ଏସବୁ ଡାର୍କ ସର୍କଲର କାରଣ ହୋଇପାରେ ।

ତାହେଲେ ଡାର୍କ ସର୍କଲରୁ ମୁକ୍ତ ହେବାକୁ ହେଲେ ଉପରୋକ୍ତ ସବୁ ଅଭ୍ୟାସରୁ ଦୂରେଇ ନିଜ ଜୀବନ ଶୈଳୀକୁ ବଦଳାଇବାକୁ ପଡ଼ିବ । ଏହାସହ ବି ଏଭଳି ଗୋଟିଏ ଘରୋଇ ବଇଦ ଅଛି ଯାହା ଏହି ସମସ୍ୟାରୁ ମୁକ୍ତି ଦେବ। ତାହା ହେଉଛି ହରିଡା । ହରିଡା ଅତି ସହଜରେ ଯେ କୌଣସି ଆୟୁର୍ବେର୍ଦିକ ସେଣ୍ଟରରେ ମିଳିଯିବ। ଏହାର ଦାମ୍ କମ ହୋଇଥାଏ ।

ଗୋଟିଏ ହରିଡାକୁ ଘୋରି ଏହା ପ୍ରଲେପକୁ ଆଖିର ଚାରିପଟ ସ୍କିନରେ ଲଗାଇବେ। ଏହାକୁ ରିଙ୍ଗ ଫିଙ୍ଗରରେ ହିଁ ଲଗାଇବେ । ଏହା ପଛରେ ବି କାରଣ ଅଛି । ସବୁ ଆଙ୍ଗୁଠି ଅପେକ୍ଷା ରିଙ୍ଗ ଫିଙ୍ଗରର ଚାପ ହାଲକା । ଏହି ଲେପକୁ ଦିନକୁ ଥରେ ବା ଦୁଇଥର ଲଗାଇବେ । ସବୁଠାରୁ ଭଲ ଏହାକୁ ଶୋଇବା ସମୟରେ ଲଗାଇବା । ଏହାକୁ ସାଦା ପାଣିରେ ଧୋଇଦେବେ । ଏହି ପ୍ରଲେପକୁ ପ୍ରତିଦିନ ଲଗାଇବେ । ଦେଖିବେ ଆପଣଙ୍କ ଡାର୍କ ସର୍କଲ ଗୋଟିଏରୁ ଦୁଇ ସପ୍ତାହରେ ହିଁ ଦୂର ହୋଇଯିବ । ଆୟୁର୍ବେଦରେ ହରିଡାକୁ ରସାୟନର ମାନ୍ୟତା ଦିଆଯାଇଛି । ହରିଡାର ଲେପ ଦେବାରେ .କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ତେଣୁ ଏହାକୁ ଯେ କେହିବି ବ୍ୟବହାର କରିପାରିବ । ଏହି ହୋମ୍ ରେମେଡି ଯେତିକି ସହଜ ସେତିକି ଶସ୍ତା ବି । ତେଣୁ ଏହି ରେମେଡିକୁ ବ୍ୟବହାର କରିବା ସହ ନିଜ ନିଦ ଉପରେ ବି ଧ୍ୟାନ ଦିଅନ୍ତୁ । ଦେଖିବେ ଡାର୍କ ସର୍କଲ ଯିବ ହିଁ ଯିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାନସିକ ସ୍ୱାସ୍ଥ୍ୟ: ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ

ଆଧୁନିକତାର ଦ୍ରୁତ ଗତିରେ ଆଗଉଥିବା ପୃଥିବୀରେ ଆମେ ଅନେକ ବିକାଶର ଗାଥା ଶୁଣୁଛେ, କିନ୍ତୁ ଏହାର ଅନ୍ତରାଳରେ ଏକ ନୀରବ ମହାମାରୀ ନିଜର କାୟା ବିସ୍ତାର କରିଚାଲିଛି । ଏହା ହେଉଛି ମାନସିକ ସ୍ୱାସ୍ଥ୍ୟ ସଙ୍କଟ, ଯାହା ଆଜି ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର କରାଳ ରୂପ ଦେଖାଇବାରେ ଲାଗିଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ପ୍ରକାଶିତ ତଥ୍ୟ ଏକ ଭୟାବହ ସତ୍ୟକୁ ପଦାରେ ପକାଇଛି, ଯାହା ଅନୁଯାୟୀ ବିଶ୍ୱବ୍ୟାପୀ ଶହେ କୋଟିରୁ ଅଧିକ ଲୋକ କୌଣସି ନା କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି । ଉଦ୍‌ବେଗ (anxiety) ଏବଂ ଅବସାଦ (depression) ଭଳି ସମସ୍ୟା ଆଜି ଘରେ ଘରେ ପହଞ୍ଚି ସାରିଲାଣି, କିନ୍ତୁ ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ଅତ୍ୟନ୍ତ ନଗଣ୍ୟ । ଏହି ସଙ୍କଟ କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନାହିଁ, ବରଂ ଏହା ସମାଜ, ଅର୍ଥବ୍ୟବସ୍ଥା ଏବଂ ସାମଗ୍ରିକ ଭାବେ ମାନବ ବିକାଶ ଉପରେ ଗଭୀର ପ୍ରଭାବ ପକାଉଛି ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଅକ୍ଷମତାର ଦ୍ୱିତୀୟ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ଏହା ସତ୍ତ୍ୱେ ଏହାକୁ ଯେଉଁ ଗୁରୁତ୍ୱ ମିଳିବା କଥା, ତାହା ମିଳୁନାହିଁ । ଅଧିକାଂଶ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମାନସିକ ସ୍ୱାସ୍ଥ୍ୟକୁ ଏବେବି ଅବହେଳା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଦେଶଗୁଡ଼ିକ ନିଜ ସ୍ୱାସ୍ଥ୍ୟ ବଜେଟର ମାତ୍ର ଦୁଇ ପ୍ରତିଶତ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି, ଏବଂ ଏହି ପରିମାଣ ୨୦୧୭ ମସିହାରୁ ସ୍ଥିର ରହିଛି । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଯେ, ଆମେ ଶାରୀରିକ ସ୍ୱାସ୍ଥ୍ୟକୁ ଯେତିକି ଗୁରୁତ୍ୱ ଦେଉଛେ, ମାନସିକ ସ୍ୱାସ୍ଥ୍ୟକୁ ତା'ର ଏକ ଛୋଟ ଅଂଶ ଭାବରେ ମଧ ବିବେଚନା କରୁନାହୁଁ। ଏହି ଅବହେଳାର ପରିଣାମ ଅତ୍ୟନ୍ତ ଭୟଙ୍କର । ବିଶ୍ୱ ଅର୍ଥନୀତିକୁ ଏହା ବାର୍ଷିକ ପ୍ରାୟ ଏକ ଟ୍ରିଲିୟନ ଡଲାରର କ୍ଷତି ପହଞ୍ଚାଉଛି, ଯାହାକି କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ହ୍ରାସ ଯୋଗୁଁ ହେଉଛି । ଯେତେବେଳେ ଜଣେ କର୍ମଚାରୀ ମାନସିକ ଅବସାଦରେ ପୀଡ଼ିତ ହୁଏ, ସେତେବେଳେ ତା'ର କାର୍ଯ୍ୟଦକ୍ଷତା କମିଯାଏ, ଯାହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଥାଏ ।

ଏହି ସଙ୍କଟର ଆଉ ଏକ ଦୁଃଖଦ ଦିଗ ହେଉଛି ଏଥିରେ ଥିବା ଭୟଙ୍କର ଅସମାନତା । ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସେବାରେ ଆକାଶ ପାତାଳର ଫରକ ଦେଖିବାକୁ ମିଳେ । ଉଚ୍ଚ-ଆୟକାରୀ ଦେଶଗୁଡ଼ିକ ଯେଉଁଠି ନିଜ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ବାର୍ଷିକ ମୁଣ୍ଡପିଛା ୬୫ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି, ସେଠାରେ ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ଏହି ପରିମାଣ ମାତ୍ର ଚାରି ସେଣ୍ଟ ଅଟେ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଗରିବ ଦେଶର ନାଗରିକମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସେବା ଏକ ସ୍ୱପ୍ନ ସଦୃଶ । ବିଶ୍ୱ ସ୍ତରରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୩ ଜଣ ମାନସିକ ସ୍ୱାସ୍ଥ୍ୟ କର୍ମୀ ଉପଲବ୍ଧ ଅଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ଏହି କାରଣରୁ ନିମ୍ନ-ଆୟକାରୀ ଦେଶମାନଙ୍କରେ ୧୦ ପ୍ରତିଶତରୁ କମ୍ ପ୍ରଭାବିତ ବ୍ୟକ୍ତି ଚିକିତ୍ସା ସେବା ପାଇପାରୁଥିବା ବେଳେ ଉଚ୍ଚ-ଆୟକାରୀ ଦେଶମାନଙ୍କରେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ । ଏହି ଅସମାନତା କେବଳ ଅର୍ଥନୈତିକ ସ୍ତରରେ ନୁହେଁ, ବରଂ ଲିଙ୍ଗଗତ ସ୍ତରରେ ମଧ ଦେଖାଯାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ ଦୁଇଗୁଣ ଅଧିକ ଅବସାଦର ଶିକାର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି । ସେହିଭଳି ଯୁବପିଢ଼ି, ବିଶେଷକରି ୧୮ରୁ ୩୪ ବର୍ଷ ବୟସର ଯୁବକଯୁବତୀମାନେ, ଏହି ସଙ୍କଟ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଛନ୍ତି । କୋଭିଡ-୧୯ ମହାମାରୀ ପରଠାରୁ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟରେ ଯେଉଁ ନାଟକୀୟ ହ୍ରାସ ଦେଖାଦେଇଥିଲା, ସେଥିରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧାର ଆସିପାରିନାହିଁ ।

ଆତ୍ମହତ୍ୟା ଏହି ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସବୁଠାରୁ ଭୟଙ୍କର ପରିଣତି । ୨୦୨୧ ମସିହାରେ ପ୍ରାୟ ୭୨୭,୦୦୦ ଲୋକ ଆତ୍ମହତ୍ୟା କରି ପ୍ରାଣ ହରାଇଥିଲେ, ଏବଂ ଏହା ଯୁବକମାନଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ପାଲଟିଛି । ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଆତ୍ମହତ୍ୟା ମୃତ୍ୟୁହାରକୁ ଏକ ତୃତୀୟାଂଶ କମାଇବାକୁ ଲକ୍ଷ୍ୟ ରଖିଥିବା ବେଳେ, ବର୍ତ୍ତମାନର ଗତିରେ ଏହା କେବଳ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ଏହା ଦର୍ଶାଉଛି ଯେ ଆମର ପ୍ରୟାସ କେତେ ଅପର୍ଯ୍ୟାପ୍ତ । ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ଲାଞ୍ଛନା (stigma) ଏବଂ ଭୁଲ ଧାରଣା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ଖୋଲାଖୋଲି ଭାବେ କହିବାକୁ କୁଣ୍ଠାବୋଧ କରନ୍ତି, କାରଣ ସେମାନଙ୍କୁ ପାଗଳ ବୋଲି କହିଦିଆଯିବାର ଭୟ ଥାଏ । ଏହି କାରଣରୁ ଅନେକ ଲୋକ ଠିକ୍ ସମୟରେ ସାହାଯ୍ୟ ନେଇପାରନ୍ତି ନାହିଁ ଏବଂ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିଚାଲେ ।

ତେବେ ଏହି ଅନ୍ଧକାର ମଧ୍ୟରେ କିଛି ଆଶାର କିରଣ ମଧ ଦେଖାଯାଉଛି । କିଛି ଦେଶ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ସାମିଲ କରିବା ଆରମ୍ଭ କରିଛନ୍ତି । ସ୍କୁଲ ଏବଂ ସାମୁଦାୟିକ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଉଛି। ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ସହାୟତା ପ୍ରଦାନ କରୁଥିବା ଦେଶମାନଙ୍କ ସଂଖ୍ୟା ୨୦୨୦ରେ ୪୦ ପ୍ରତିଶତରୁ କମ୍ ଥିବାବେଳେ ଏବେ ତାହା ୮୦ ପ୍ରତିଶତରୁ ଅଧିକ ହୋଇଛି । ଟେଲି-ହେଲ୍ଥ ସେବାର ପ୍ରସାର ମଧ ଏକ ସକାରାତ୍ମକ ପଦକ୍ଷେପ, ଯଦିଓ ଏହାର ଉପଲବ୍ଧତା ସବୁଠାରେ ସମାନ ନୁହେଁ । କିନ୍ତୁ ଏହି ପଦକ୍ଷେପଗୁଡ଼ିକ ସମସ୍ୟାର ବିଶାଳତାକୁ ଦେଖିଲେ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ସରକାରମାନଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ବୃଦ୍ଧି କରିବାକୁ ପଡ଼ିବ। ଏହାକୁ କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ନ ଦେଖି ଏକ ମାନବିକ ଅଧିକାର ଭାବରେ ଗ୍ରହଣ କରିବାକୁ ହେବ । ସ୍ୱାସ୍ଥ୍ୟ ବଜେଟରେ ଏହାର ଅଂଶ ବଢ଼ାଇବା ସହିତ ଏକ ସୁଦୃଢ଼ ଆଇନଗତ ସୁରକ୍ଷା ବ୍ୟବସ୍ଥା ପ୍ରଣୟନ କରିବା ଜରୁରୀ । ମାନସିକ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାନସିକ ରୋଗୀଙ୍କୁ ପାଗଳଖାନାରେ ବନ୍ଦୀ କରି ରଖିବା ପରିବର୍ତ୍ତେ ସାମୁଦାୟିକ ସ୍ତରରେ, ବ୍ୟକ୍ତି-କୈନ୍ଦ୍ରିକ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବାକୁ ହେବ । ଏଥିସହିତ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ମନର ଅସୁସ୍ଥତା ମଧ ଶରୀରର ଅସୁସ୍ଥତା ଭଳି ଏକ ସାଧାରଣ କଥା ଏବଂ ଏହାର ଚିକିତ୍ସା ସମ୍ଭବ । ଯଦି ଆମେ ତୁରନ୍ତ ଏ ଦିଗରେ କାର୍ଯ୍ୟ ନ କରୁ, ତେବେ ଲକ୍ଷ ଲକ୍ଷ ଲୋକ ବିନା ସହାୟତାରେ କଷ୍ଟ ପାଉଥିବେ ଏବଂ ଆମ ସମାଜକୁ ଏହାର ଭାରୀ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ଦେବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟରେ ନିବେଶ କରିବା କୌଣସି ବିକଳ୍ପ ନୁହେଁ, ବରଂ ଏହା ଲୋକ, ସମାଜ ଏବଂ ଅର୍ଥବ୍ୟବସ୍ଥାରେ କରାଯାଉଥିବା ଏକ ଜରୁରୀ ନିବେଶ, ଯାହାକୁ କୌଣସି ଦେଶ ଅବହେଳା କରିପାରିବ ନାହିଁ ।



# ସମାଜ ଗଠନରେ ମହିଳାମାନଙ୍କ ଭୂମିକା

ପ୍ରଶାନ୍ତ କୁମାର ନାୟକ



ଇତିହାସ ଅନୁଧ୍ୟାନ କଲେ ପରିଦୃଷ୍ଟ ହୁଏ ଯେ, ସମାଜରେ ନାରୀମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ଚିନ୍ତାଧାରା ଓ କର୍ତ୍ତବ୍ୟନିଷ୍ଠା ସମାଜ ଗଠନରେ ଅତୁଳନୀୟ । ପୁରାତନ ଯୁଗର ଗାର୍ଗୀ, ମୈତ୍ରେୟୀ ଓ ଲୋପାମୁଦ୍ରାଙ୍କ ଭଳି ନାରୀମାନଙ୍କ ଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗର ମାଡାମ କ୍ୟୁରୀ, ମଦର ଟେରେସା, ଅହଲ୍ୟା ବାଇ, ସରୋଜିନୀ ନାଇଡୁଙ୍କ ଭଳି ପ୍ରମୁଖ ମହିୟସୀ ମହିଳାମାନଙ୍କର ସମାଜପ୍ରତି ବହୁତ ଅବଦାନ ରହିଛି ।

ଗୋଟିଏ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନପାଇଁ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାରୀମାନଙ୍କ ବିନା ପୃଥିବୀର ଉନ୍ନତି ବିଷୟରେ ଚିନ୍ତା କରିବା ଅସମ୍ଭବ । ପରିବାର ଗଠନ, ସମାଜ ପରିଚାଳନା ଓ ନୈତିକତାର ସୁରକ୍ଷା କ୍ଷେତ୍ରରେ ନାରୀମାନେ ଅଗ୍ରଣୀ ସାରଥିର ଭୂମିକା ନିର୍ବାହ କରିଥାଆନ୍ତି। ପରିବାରରେ ନାରୀ ସାମାଜିକ ଦାୟିତ୍ୱ ନିର୍ବାହ କରି ଭବିଷ୍ୟତର ନାଗରିକମାନଙ୍କୁ ଜନ୍ମ ଦେଇଥାଏ । ସେମାନଙ୍କର ଉପଯୁକ୍ତ ଲାଳନ ପାଳନ କରେ ଓ ଉତ୍ତମ ଚରିତ୍ର ଗଠନରେ ମଧ୍ୟ ନାରୀର ଭୂମିକା ରହିଛି । ଏଥିପାଇଁ ବୁଦ୍ଧ, ଚୈତନ୍ୟ, ମହାତ୍ମା ଗାନ୍ଧୀ ଓ ଶିବାଜୀଙ୍କ ଉପରେ ସେମାନଙ୍କ ଜନନୀମାନଙ୍କର ଅପ୍ରତିହତ ପ୍ରଭାବ ରହିଥିଲା । ଜାୟା ଭାବରେ ପରିବାରକୁ ସମୃଦ୍ଧି ପଥରେ ଆଗେଇ ନେବାପାଇଁ ନାରୀ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ପ୍ରକାଶ କରିଥାଏ । ଅଜସ୍ର ଦୁଃଖ ଯନ୍ତ୍ରଣାକୁ ବୁକୁତଳେ ଚାପିରଖି ସେ ଓଠ ତଳେ ହସ ଫୁଟାଏ । ପରିବାରର ମଧୁ ଚକ୍ରକୁ ସ୍ନେହ ଓ ମମତାରେ ପରିପୂର୍ଣ୍ଣ କରିପକାଏ ।

ଆଜକୁ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଭାରତୀୟ ଗଣ ଜୀବନରେ ଯେଉଁଦିନ ଏକ ନବ ଜାଗରଣର ଜୁଆର ଆସିଲା, ସେହିଦିନ ଭାରତୀୟ ନାରୀ ସମତାଳରେ ପୁରୁଷ ସହିତ ସ୍ୱର ମିଳାଇ ତାକୁ ସ୍ୱାଗତ ଜଣାଇଥିଲେ । ସମାଜର ଦୁଇଟି ପ୍ରମୁଖ ଅଙ୍ଗ ହେଲା ନାରୀ ଓ ପୁରୁଷ । ନାରୀ ଓ ପୁରୁଷ ଭଗବାନଙ୍କ ଅମୃତ ସୃଷ୍ଟିର ଅମୃତ ସନ୍ତାନ। ପୁରୁଷମାନଙ୍କ ଭଳି ନାରୀମାନେ ସମାଜର ଏକ ବିରାଟ ଅଂଶ ଅଟନ୍ତି । ଆମ୍ଭମାନଙ୍କ ଜନ୍ମ ଭୂମି ସୁ ପ୍ରାଚୀନ ଭାରତବର୍ଷରେ ମଧ୍ୟ ନାରୀ ଶିକ୍ଷାର ପ୍ରଚଳନ ଥିଲା । ଯେପରି କୁହାଯାଇଛି ଯେ, ଆଜିର ଛାତ୍ର ଆସନ୍ତାକାଲିର ଭବିଷ୍ୟତ ବା ନାଗରିକ ଠିକ୍ ସେମିତି ଉକ୍ତ ପରିବେଶରେ ସମାୟିତ ହେବା ଦରକାର ଯେ, ଆଜିର ନାରୀ ଭବିଷ୍ୟତର ସମ୍ମାନ । ସମାଜରେ ପୁରୁଷମାନଙ୍କ ସହିତ ନାରୀକୁ ସମାନ ଅଧିକାର ପ୍ରଦାନ କଲେ ହିଁ ଆମ ଦେଶର ଭବିଷ୍ୟତ ଯଥାଶୀଘ୍ର ଉଜ୍ଜ୍ୱଳ ହୋଇପାରିବ ।

ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୦୩ ମସିହା ମାର୍ଚ୍ଚ ୦୮ ତାରିଖରେ ଏକ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା । ଇତି ମଧ୍ୟରେ ଏହା ତାହାର ଶତବାର୍ଷିକୀ ପୂର୍ତ୍ତି ପାଳନ କରିସାରିଛି । ୨୦୦୩ ମସିହା ମାର୍ଚ୍ଚ ୦୮ ତାରିଖକୁ ସମ୍ପ୍ରତି ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରାଯାଇ ଆସୁଅଛି । କଥାରେ ଅଛି ଗୋଟିଏ ପୁରୁଷ ଶିକ୍ଷିତ ହେଲେ ଜଣେ ଲୋକ କେବଳ ଶିକ୍ଷିତ ହୋଇଥାଏ । କିନ୍ତୁ ଯଦି ଜଣେ ମହିଳା ଶିକ୍ଷିତ ହୋଇଥାଏ ତେବେ ସମଗ୍ର ପରିବାର ଶିକ୍ଷିତ ହୁଏ । ସନ୍ତାନ ସନ୍ତତି ମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ସେମାନଙ୍କର ମା' । ପୃଥିବୀର ଅନେକ ମହାତ୍ମାଙ୍କ ଜୀବନକୁ ସେମାନଙ୍କର ମା' ମାନେ ଗଢି ତୋଳିବାର ଇତିହାସ ରହିଛି । ସେହିପରି ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ରହିଛି । ଶିକ୍ଷିତା ନାରୀ ହିଁ ତା'ର ସମାଧାନ କରିପାରିବ । ପୁରୁଷ ସହିତ ସମକକ୍ଷ ହୋଇ ତା'ର ସହାୟକ ଭାବେ ସେ ଏକ ଉନ୍ନତ ତଥା ସଚେତନ ସମାଜ ଗଢିବାରେ ସାହାଯ୍ୟ କରିପାରିବ । ଏହିସବୁ ଦୃଷ୍ଟିକୋଣରୁ ନାରୀଶିକ୍ଷା ଏକାନ୍ତ ଆବଶ୍ୟକ ମନେହୁଏ।

ନାରୀଯେ କେବଳ ପୁରୁଷର ଏକ କକ୍ଷ ସହଚରୀ, ଲୀଳା ସଙ୍ଗିନୀ ତାହା ନୁହେଁ । ଏହା ଭାରତୀୟ ନାରୀ ଚରିତ୍ରରେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଛି । ନାରୀ ସଶକ୍ତିକରଣର ଅର୍ଥ ହେଉଛି, ନାରୀ ପ୍ରତିଭାର ଉପଯୋଗକରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା । ବହୁ ପ୍ରତିଭାର ଅଧିକାରିଣୀ ନାରୀ ହୋଇଥିଲେ ମଧ୍ୟ ପୁରୁଷ ପ୍ରଧାନ ସମାଜରେ ସେମାନେ ତାଙ୍କର ସେହି ପ୍ରତିଭାର ଉପଯୋଗ କରିବାର ସୁଯୋଗ ପାଉ ନାହାନ୍ତି । ତେଣୁ ନାରୀର ଶକ୍ତି ଓ ସାମର୍ଥ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ସେମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିବା ନାରୀ ସଶକ୍ତିକରଣର ମୁଖ୍ୟ ଉଦ୍ଦେଶ୍ୟ । ନାରୀ ହେଉଛି ସୃଷ୍ଟିର ମୂଳାଧାର । ପରିବାର ପରିଚାଳନାରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନନୀ, ଜାୟା ଓ ଭଗିନୀ ବିଭିନ୍ନ ରୂପରେ ନାରୀ ତା'ର ବହୁମୁଖୀ ଭୂମିକା ନିର୍ବାହ କରିଥାଏ ।

ଯେଉଁଠି ପୁରୁଷର ଶକ୍ତି ପରାହତ ହୋଇଛି, ସେଠାରେ ନାରୀ ଶକ୍ତିର ଅଭ୍ୟୁତ୍ଥାନ ଘଟିଛି । ଭାରତୀୟ ପୁରାଣ ଶାସ୍ତ୍ର ମାନଙ୍କରେ ନାରୀ ଶକ୍ତିର ଭୂରିଭୂରି ଦୃଷ୍ଟାନ୍ତ ରହିଛି । ପୁରାଣରେ ଧନ ପାଇଁ ଲକ୍ଷ୍ମୀ, ଜ୍ଞାନ ପାଇଁ ସରସ୍ୱତୀ ଏବଂ ଶକ୍ତିପାଇଁ ଦୁର୍ଗାଙ୍କୁ କଳ୍ପନା କରାଯାଇଛି। ଅନ୍ୟାୟ ବିରୋଧରେ ନିଜର ସ୍ୱର ଉତ୍ତୋଳନକରି ମାତୃଭୂମି ନିମନ୍ତେ ନିର୍ଭୀକ ଭାବରେ ଆଗରେ ଛାତି ପତେଇବାକୁ ସେ କେବେ ପଶ୍ଚାତପଦ ହୋଇନାହିଁ । ସ୍ୱାଧୀନତା ସଂଗ୍ରାମରେ ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କର ଅପୂର୍ବ ଧୈର୍ଯ୍ୟ, ଶକ୍ତି ଓ ସାମର୍ଥ୍ୟର ଗାଥା ଆଜିବି ସ୍ମରଣୀୟ । ସରୋଜିନୀ ନାଇଡୁ କସ୍ତୁରବା ଗାନ୍ଧୀ, କମଳା ନେହେରୁ, ଅରୁଣା ଆସଫ ଅଲ୍ଲୀ, ରାଜକୁମାରୀ ଅମ୍ରିତା କୌର, ବିଜୟଲକ୍ଷ୍ମୀ ପଣ୍ଡିତ ଓ ପଦ୍ମଜା ନାଇଡୁ ପ୍ରଭୃତି ମହିୟସୀ ମହିଳାମାନଙ୍କ ଅବଦାନ ସ୍ମରଣୀୟ । ସେହିପରି ଓଡ଼ିଶାର ନାରୀନେତ୍ରୀ ମାନଙ୍କ ମଧ୍ୟରେ ରମାଦେବୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ମାଳତି ଚୌଧୁରୀ, ପ୍ରଭୃତିଙ୍କର ନାରୀ ସମାଜ ପ୍ରତି ଅବଦାନ ଅତୁଳନୀୟ ଥିଲା । ଆଜିର ସମୟକୁ ଅନୁଶୀଳନ କଲେ ଜଣାଯାଏ ଯେ, ଆଜି ମଧ୍ୟ ଏହି ସମାଜରେ ନାରୀମାନେ ସେମାନଙ୍କର ପ୍ରକୃତ ଅଧିକାର ପାଇପାରି ନାହାନ୍ତି । ଆମର ନେତା ଓ ଜ୍ଞାନୀ ଗୁଣୀ ବ୍ୟକ୍ତିଗଣ ନାରୀର ଅଧିକାର, ସମାନତା ଓ କ୍ଷମତା ତଥା ସ୍ୱାଧୀନତା ସମ୍ପର୍କରେ ବଡବଡ ଭାଷଣ ଦେଇ କହିଲେ ମଧ୍ୟ କାର୍ଯ୍ୟ କ୍ଷେତ୍ରରେ ଏହାର ଠିକ୍ ବିପରୀତ ହେଉଛି । ଏହି ପୁରୁଷ ସମାଜ ନିଜ ସହିତ ନାରୀକୁ ଗୋଟିଏ ଆସନରେ ବସିବାର ମାନସିକତା ଏପର୍ଯ୍ୟନ୍ତ ଅର୍ଜନ କରିନାହାନ୍ତି । ତେଣୁ ନାରୀ ସ୍ୱୟଂ ନିଜକୁ ସମାଜରେ ଅଗ୍ରଗାମୀ କରାଇପାରୁ ନାହାନ୍ତି । ସେହି କାରଣରୁ ନାରୀ ସଶକ୍ତିକରଣ ନିମନ୍ତେ ଆନ୍ତର୍ଜାତିକ ସ୍ତରରେ ଆଜି ମଧ୍ୟ ଉଦ୍ୟମ ଜାରି ରହିଛି ।

ନାରୀର ପ୍ରଗତିପାଇଁ ସମସ୍ତ ପ୍ରକାରର ଉଦ୍ୟମ ସତ୍ତ୍ୱେ ଭାରତୀୟ ସମାଜ ଏକ ପୁରୁଷ ପ୍ରଧାନ ସମାଜ ହୋଇ ରହିଛି । ନାରୀ ଶିକ୍ଷାର ଯେତିକି ପ୍ରସାର ଘଟୁଛି, ସେତିକି ପରିମାଣର ଯୌତୁକ ନିର୍ଯ୍ୟାତନା, ଧର୍ଷଣ ଓ ହତ୍ୟା ଭଳି ଜଘନ୍ୟ ଅପରାଧ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ନାରୀ ଏକ ଭୋଗ୍ୟା ସାମଗ୍ରୀ ଭାବରେ ବିବେଚିତ ହେଉଛି । ଚଳଚ୍ଚିତ୍ର, ପ୍ରେକ୍ଷାଳୟ, ଦୂରଦର୍ଶନ, ବିଭିନ୍ନ ସାମାଜିକ ଗଣମାଧ୍ୟମରେ ତା'ର ନଗ୍ନତାକୁ ଉପଯୋଗକରି ପୁରୁଷର ଦୃଷ୍ଟିକୋଣକୁ କଳୁଷିତ କରାଯାଉଛି ।

ଆଧୁନିକ ଯୁଗର ଶିକ୍ଷିତ ନାରୀ ସ୍ୱୟଂ ଏହି ଭ୍ରଷ୍ଟତା ନିମନ୍ତେ ଦାୟୀ । ଆଧୁନିକତା ନାମରେ ସ୍ୱେଚ୍ଛାଚାରିତାକୁ ପ୍ରଶ୍ରୟ ଦେଇ ସେ କେବଳ ପୁରୁଷର କାମନାରେ ଇନ୍ଧନ ଯୋଗାଉଛି । ସୁତରାଂ ନାରୀକୁ କେବଳ ଅଧିକାର ବା ସ୍ୱାଧିକାର ପ୍ରଦାନକଲେ ହେବନାହିଁ । ସମାଜକୁ କିଭଳି ଭଦ୍ର, ମାର୍ଜିତ ଓ ରୁଚିପୂର୍ଣ୍ଣ କରିବାକୁ ହେବ, ସେ ବିଷୟରେ କଳ୍ପନା କରିବାର ସମୟ ଆଜି ଉପନୀତ ହୋଇଛି । ଏକ ଶିଶୁ ପୁତ୍ରକୁ ଯେପରି ଉପଯୁକ୍ତ ବିଦ୍ୟା ଅର୍ଜନ କରାଇ ଶ୍ରେଷ୍ଠ ଭାବରେ ଗଢି ତୋଳାଯାଉଛି, ଠିକ ସେମିତି ଏକ ଶିଶୁ କନ୍ୟାକୁ ମଧ୍ୟ କରାଇବା ଉଚିତ। ଏପରି ଏକ ଆତ୍ମ ବିଶ୍ୱାସ ସେମାନଙ୍କ ମନରେ ସୃଷ୍ଟି କରାଇବାଯେ, କୌଣସି କ୍ଷେତ୍ରରେ ସେମାନଙ୍କୁ ହିନ ଦୃଷ୍ଟିରେ ନଦେଖିବା, ପୁରୁଷପରି ନାରୀ ମଧ୍ୟ ସମସ୍ତ ଅଧିକାର ପାଇବା ଯୋଗ୍ୟା, ସମାନ ସ୍ୱାଧୀନତା, ସମାନ ଶିକ୍ଷାଦୀକ୍ଷା ଦେଇ ତାକୁ ଉତ୍ତମ ତଥା ଯୋଗ୍ୟା ନାଗରିକ ଭାବରେ ଗଢିତୋଳିବା, ଏଭଳି ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ହେବା ଅତ୍ୟନ୍ତ ଜରୁରୀ ।

ବର୍ତ୍ତମାନ ଯୋଗ୍ୟତା, ଶିକ୍ଷା, ପ୍ରତିଭା ଓ ଜ୍ଞାନ ପ୍ରତ୍ୟେକ କ୍ଷେତ୍ରରେ ନାରୀ ପୁରୁଷ ସହିତ ସମକକ୍ଷ । ଏପରିକି କେତେକ କ୍ଷେତ୍ରରେ ମଧ୍ୟ ପୁରୁଷଠାରୁ ନାରୀ ଅଧିକ ସମର୍ଥ । ଉଭୟ ପୁରୁଷ ଓ ନାରୀ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ନାରୀ କେବେ ଅବଳା କି ଦୁର୍ବଳା ନୁହେଁ । ସେ ଅସୀମ ଶକ୍ତିର ଅଧିକାରିଣୀ। ନାରୀମାନଙ୍କୁ ପୁରୁଷ ଭଳି ସବୁ କ୍ଷେତ୍ରରେ ସମାନ ସୁବିଧାସୁଯୋଗ ଦିଆଗଲେ ଆମ ସମାଜ ଏବଂ ରାଷ୍ଟ୍ର ଅନେକ ମାତ୍ରାରେ ଅଗ୍ରଗତି କରିବ ।

ଏହି ପରିପ୍ରେକ୍ଷୀରେ ଗୋଟିଏ ଛୋଟ ଅନୁଚିନ୍ତା :-

'ମା' ହେଲେ ପାଠୋଇ ,
ଦେଶ ଯିବ ଆଗେଇ ।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪



# ମହିଳା ଦିବସ ପାଳନ ପାଇଁ ଆମେ କେତେ ହକ୍‌ଦାର ?

ସୁବ୍ରତ କର

ପୁରୁଷମାନଙ୍କ ସମ୍ପର୍କରେ ରହୁଥିବା ମହିଳାମାନେ ହେଲେ ମା, ଭଉଣୀ ସ୍ତ୍ରୀ, ପ୍ରେମିକା ଏବଂ ବାନ୍ଧବୀ। ଏହାକୁ ବାଦ ଦେଲେ ଆଉ ସେମିତି ସମାଜରେ ଜଡ଼ିତ ହେବା ମନେ ହୁଏ ନାହିଁ। ସାରା ପୃଥିବୀରେ ଜନସଂଖ୍ୟା ପ୍ରାୟ ଅଧାଅଧି ନାରୀ। ପ୍ରଶ୍ନ ଉଠୁଛି ଏହି ସଂଖ୍ୟାର ଆକାରକୁ ଆମେ ଠିକ୍ ସେ ସମ୍ମାନ ଦେଇ ପାରିଛେ କି ? ମୋର ମନେ ହୁଏ ଏବେ ବି ନାରୀ ଜାତି ଅବହେଳିତ ଏବଂ ସବୁ କ୍ଷେତ୍ରରେ ପୁରୁଷମାନେ ଭାବନ୍ତି ଯେ ସେମାନେ ଦୟାର ପାତ୍ର, ସ୍ଥାନ ତାଙ୍କର ଆମର ତଳେ। ପୁରୁଷମାନେ ନାରୀ ମାନଙ୍କ ଉପରେ ହାକିମାତି ଦେଖେଇବା ପାଇଁ ଭଲ ଲାଗେ ସେ ଘରେ ହେଉ, ଅଫିସରେ ହେଉ ବା ଯେ କୌଣସି କ୍ଷେତ୍ରରେ ହେଉ । ଆମେ ଭୁଲି ଯାଉ ନାରୀମାନେ ହେଲେ ସ୍ନେହ ସହାନୁଭୂତଧି ପ୍ରତୀକ । ନିଜର ମା'ଙ୍କ କଥା ଚିନ୍ତା କରନ୍ତୁ ବା ବିବାହିତ ସ୍ତ୍ରୀଙ୍କ କଥା । ଜଣେ ନାରୀ ତା'ର ମା, ବାପା, ଭାଇ ଭଉଣୀଙ୍କୁ ଛାଡ଼ି ଛୋଟରୁ ବଡ଼ ହୋଇଥିବା ଯାଗାକୁ ଛାଡ଼ି, ଭୁଲିଯାଇ ଆପଣଙ୍କ ପାଖକୁ ଆପଣଙ୍କ ଜାଗାକୁ, ଘରକୁ ଆପଣାର କରି ଏବଂ ଆପଣଙ୍କର ପିଲା ଛୁଆକୁ ନିସ୍ୱାର୍ଥ ଭାବରେ ମଣିଷ କରି ଛିଡ଼ା କରିବା ଏବଂ ସେ ପୁଣି ନିସ୍ୱାର୍ଥ ଭାବରେ । ଏହା ପରେ ମଧ ଆମେ ମା'ଙ୍କ ବା ସ୍ତ୍ରୀଙ୍କୁ ଗାଳି ଦେଉଛେ, ପିଟୁଛେ ଏବଂ ଦରକାର ପଡ଼ିଲେ ଘରୁ ବାହାର କରି ଦେଉଛି । ଏ ପ୍ରକାରର ପୁରୁଷ ରାଜ୍ୟ । ସେହି ନାରୀଙ୍କ ପାଖରୁ ଆମ ଜନ୍ମ ସେହି ନାରୀ ଆମର ପିଲାମାନଙ୍କୁ ଜନ୍ମ ଦେଉଛି ତଥାପି ଦରକାର ପଡ଼ିଲେ ସେମାନେ ଆମର ସବୁ ପ୍ରକାରର ଅତ୍ୟାଚାରକୁ ସହି ନେଉଛନ୍ତି । ଏମିତି କେତେ ଦିନ ଚାଲିବ ଏବଂ ଏହା ଅତି ଶୀଘ୍ର ବନ୍ଦ ହେବା ଦରକାର । ସରକାରଙ୍କ ପକ୍ଷରୁ ମଧ ନାରୀମାନଙ୍କ ପ୍ରତି ବୈମାତୃକ ଭାବ । ଆପଣ ଦେଶରୁ ଆମ ରାଜ୍ୟ ହେଉ ବା ଦେଶ ହେଉ କେତେଜଣ ନାରୀଙ୍କୁ ମନ୍ତ୍ରୀତ୍ୱ ମିଳିଛି ? କେତେଜଣ କ୍ଷମତାର ଅଛନ୍ତି ? ଏପରିକି ଆମେ ସବୁଠୁ ବିଚାର ବିଭାଗକୁ ସବୁଠୁ ବେଶି ସମ୍ମାନ ଦେଇଥାଉ କିନ୍ତୁ ସେ ଜାଗାରେ ମଧ ହାତ ଗଣତି ନାରୀ । ପୁଣି ପ୍ରଶ୍ନ ଉଠୁଛି ଯେଉଁ ପିଲାଙ୍କୁ ଆଇ.ଏ.ଏସ ବନେଇ ପାରୁଛି, ଯେଉଁ ତାର ସ୍ୱାମୀକୁ ସୁପ୍ରିମକୋର୍ଟରେ ବିଚାରପତି କଲେ ସେ କଣ ନିଜେ ସେହି ସ୍ଥାନ ଅଳଂକୃତ କରିବା ପାଇଁ ଇଚ୍ଛା ନଥାଏ ନା ଦମ୍ ନଥାଏ ? କିନ୍ତୁ ଆମେ ତାଙ୍କୁ ନଜର ଅନ୍ଦାଜ କରି ସେ ସବୁ ଜାଗାକୁ ଇଚ୍ଛା କରି ଦେଉନା । ଏହାର ସମୀକରଣ ଆମେ ଜଣେ ସ୍ତ୍ରୀ ଲୋକ ଅଧୀନରେ କାମ କରିବା, ଆମର କଣ ସମ୍ମାନ ନାହିଁ । ନା କହିବି ଠିକ ଓଲଟାଟି ଆମେ ନାରୀ ଜାତିଙ୍କୁ ବା ମହିଳାମାନଙ୍କୁ ଦେଶ ଚଳାଇବା ରାଜ୍ୟ ଚଳାଇବା ପାଇଁ ଛାଡ଼ିବା ଏବଂ ସେମାନଙ୍କୁ ସାହାଯ୍ୟର ହାତ ବଢ଼ାଇବା ସେହିଦିନ ଆମେ ଭାବିବା ମାର୍ଚ୍ଚ ଆଠ ତାରିଖ (ଆନ୍ତର୍ଜାତିକ ମହିଳା ଦିବସ)କୁ ସମସ୍ତେ ମିଳିମିଶି ପାଳିବା ପାଇଁ ହକ୍‌ଦାର ।







## ତା ପାଇଁ....

ସୁଜିତ କୁମାର ମିଶ୍ର



ବେଶ୍ ଝଡ ଦେଖିଛି ସେ
ତମାମ୍ ଜୀବନ
ନଇଁ ପଡିନି ବରଂ
ପାହାଡ ପରି ଦୃଢ଼ ହୋଇଛି
ସୋପାନ ପରେ ସୋପାନ ।
ସଶକ୍ତ ଗଛ ଯେମିତି ମାଟି ଉପରେ
ଛିଡା ହୁଏ
ସେ ବି ଛିଡାହୋଇ ଶକ୍ତିମୟୀ,
ତା ଧୈର୍ଯ୍ୟ ଶିଳାଖଣ୍ଡର ଆୟୁଷ
ସେଇ ସେତିକିରେ
ସେ ବିଛେଇ ଚାଲିଥାଏ ତା
କରୁଣାର ମିଠା ଛାଇ ।
ଗୋଟିଏ ଯନ୍ତ୍ରଣାର ନର୍କ
ଭାଙ୍ଗୁଥାଏ
ବାରମ୍ବାର ସପନର କିରଣ
ତା ପାଇଁ ତ ଘର ସରଗପୁର
ସେ ନାରୀରୁ ପାଲଟେ ନାରାୟଣୀ
ସେ ବିବେକର ଆଖିପତା ତଳେ
ପାଲଟୁଥାଏ ମମତାର ମଧୁବନ ।
ତା ପାଇଁ ନଇଁ ଆସେ
ଗୋଧୂଳି ସଞ୍ଜରେ
ଭକ୍ତିର ବର୍ଷାଧାରା,
ଅଶାନ୍ତ ଚିତ୍ତକୁ ସେ କରେ
ଶାନ୍ତି ଓ ଆନନ୍ଦର ପାବନୀ ଗଙ୍ଗା,
ବହି ବହି ଚାଲିଥାଏ ଜୀବନ
ଜୀଇଁବାର ମଧୁର ଧାରା ।
ତା ପାଇଁ ତ ଶୈଶବ
ସପନ ମୁଖର,
ବାତ୍ସଲ୍ୟ ବିଭୋର,
ମାତୃତ୍ୱର ପରାକାଷ୍ଠାରେ
ସୃଷ୍ଟି ହୁଏ ଗତିଶୀଳ
ସେ ଯାତନାକୁ ଶୋଷି
ବୁଣୁଥାଏ ଆଶାର ଫଗୁଣ
ତା ବିନା କଣ ଆଖି
ଦେଖିପାରେ ଜହ୍ନରାତି
ନା ଆକାଶର ଇନ୍ଦ୍ରଧନୁ ଅଭିସାର ?
ତା ପାଇଁ ଅଗଣାରେ ଖେଳେ
ସୁନେଲୀ କିରଣ,
ବେଶ୍ ଫରଚା ଦିଶେ ଘର,
ଆଲୋକ ପ୍ରବେଶୁଥାଏ
ବାତାୟନ ଦେଇ,
ସକାଳରୁ ସଂଜ ସେ ତ
ଘର ଭିତରେ ବହୁଥିବା ମମତାର
ଚିରସ୍ରୋତା ନଈ ।

ତା ପାଇଁ କୁଡିଆ ହୁଏ
ସପନର ମହଲ,
ତା ହୃଦ କୁଡିଆ କିନ୍ତୁ
ଯାତନାର ନିଆଁଝୁଲ,
ତୁମେ ହସହସ ମୁହଁରେ
ସାଉଁଟ ସୁଖର ଐଶ୍ୱର୍ଯ୍ୟ
ସେ ଦୁଃଖର ଦରିଆ ଭିତରେ
ହାଡ ଦିଖଣ୍ଡର ମଣିଷ,
ତା ପାଇଁ ସାତପର ଇପ୍‌ସିତ ସଂସାରର
ମଧୁକାଳ ।
ତା ପାଇଁ ଚଲାପଥ
ଗୋଲାପର ଶେଜ,
ସେ କିନ୍ତୁ ନିତି ମରଣ ତାପର
ସୀମାହୀନ ତେଜ ।
ତା ଯୁଦ୍ଧକୁ ଦେଖିବା ପାଇଁ
ଚିତ୍ରଶିଳ୍ପୀ କାହିଁ ?

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ଆତ୍ମାର ବିଳାପ



ପ୍ରଫୁଲ୍ଲ ବାରିକ



ଘରକାମ ଯେତେ ଥାଉପଛେ ସବୁକୁ ପଛରେ ପକେଇ ଆଗ ସେ ଦେଖେ ଶଶୁରଙ୍କୁ। ସମୟ ନେଇ ଖାଇବାକୁ ଦେବାସହ ଯେତେବେଳେ ଯାହା ଚାହିଁଲେ ହାଜର । ସୁଗାର ପେସେଣ୍ଟ । ଖାଇବା ସମୟାନୁଯାଇ । ରାତି ନଅକୁ ଡିନର । ତାଙ୍କୁ ଦେଇସାରି, ବିଛଣାକୁ ପଠେଇ ସେମାନେ ଖାଉଖାଉ ରାତି ସାଢେନଅ । ବାସନ ଧୋଇ, ଘର ପରିଷ୍କାର କରି ସିଏ ଆସିବ ଦଶଟାରେ ବିଛଣାକୁ । ରୁଟିନରେ ବନ୍ଧା ଜୀବନ । ଟିକେବି ନାହିଁ ଏପଟ ସେପଟ।

ସଲିଳା ରୁଟି ଡ଼ାଲମା ବାଢିଦେଇ ଡାକିଲା ଶଶୁରଙ୍କୁ, ବାପା ଆସନ୍ତୁ ଖାଇବେ। ରୁଟି ଶୁଖିଯିବ । ଶମ୍ଭୁନାଥ ନିଜ ରୁମରେ ବସି ବାସୀପେପର ଦେଖୁଥାଆନ୍ତି। ଯାଉଛି ମାଆ, କହି ଶମ୍ଭୁ ଯାଇ ବସିଲେ ଖାଇବାକୁ । ସଲିଳା ଆସି ଶଶୁରଙ୍କ ବେଡ଼ଝାଡ଼ି ସଜେଇଲା । ମଶାରି ଟାଙ୍ଗି ଚାରିପଟେ ଗୁଂଜିଦେଲା । ତା କାମସାରି ଫେରିଲାବେଳକୁ ଖାଇ ସାରିଥିଲେ ଶମ୍ଭୁ। ସିଧା ଚାଲିଲେ ବିଛଣାକୁ।

ଶୋଇବା ପୂର୍ବରୁ ଆଖି ପଡିଲା ସାମ୍ନା କାଂଥ ଉପରେ । ମାଧୁରୀଙ୍କ ଫଟୋ ଟଙ୍ଗାଯାଇଛି । ମାଧୁରୀ ଚାହିଁଛନ୍ତି ସିଧା ତାଙ୍କୁ । ଶମ୍ଭୁ ଡାକିଲେ ବୋହୁଙ୍କୁ, ମାଆ ସଲିଳା, ଟିକେ ଆସିବତ। ଶଶୁରଙ୍କ ଡାକରେ ପହଁଚିଲା ସଲିଳା । ଶମ୍ଭୁ ପଚାରିଲେ, ଏ ଫଟୋକୁ ଆଣି କିଏ ଟାଙ୍ଗିଲା ଏଠି ? କାଲିଯାକେତ ନଥିଲା । ଥିଲା ଡ୍ରଇଂରୁମରେ । ଏଠିକୁ କିଏ ଆଣିଲା ? ପୁଣି ମୋ ସାମ୍ନାକୁ ?

---କାଇଁକି ବାପା, ଆପଣଙ୍କୁ ଭଲ ଲାଗୁନାହିଁ, ନାଁ ବୋଉଙ୍କୁ ଦେଖିବାକୁ ଚାହୁଁନାହାନ୍ତି ?

-----ସେକଥା ନୁହେଁଯେ..., ସେଇଠି ଥିଲେ କ'ଣ ଦେଖୁନଥିଲି ?

----ବୋଉ ନିଜେ ଚାହିଁଲେ ଏଇଠି ଆପଣଙ୍କ ସାମ୍ନାରେ ରହିବାକୁ । ତାଙ୍କରି ଇଛାରେ ଆଜି ଆଣି ମୁଁ ଟଙ୍ଗେଇଛି ।

----କ'ଣ କହୁଛ ମାଆ, ମୁଁ ବୁଝି ପାରୁନି। ବୋଉତ ଗଲାଣି ଦି'ବର୍ଷ ହେଲା । ସିଏ ପୁଣି ଚାହିଁଲା କିମିତି ? ପୁଣି ନିର୍ଦ୍ଦେଶ ଦେଲା ତମକୁ ?

---- ପହରିଦିନ ତମଠୁ ଫେରି କାଲି ଆସିଥିଲେ ମୋ ପାଖକୁ । ସ୍ୱପ୍ନରେ ମ'..।

ଶମ୍ଭୁ ମୁହୂର୍ତ୍ତେ ଚିନ୍ତାକରି ପଚାରିଲେ, କ'ଣ କହିଲା ତମକୁ ?

--- କହିଲେକି, ମୁଁ କୁଆଡେ ତାଙ୍କର ସୁନାବୋହୂ । ଭାରି ପ୍ରଶଂସା କଲେ ମୋତେ। ଅଭିମାନ କଲେ ମୋ ପାଇଁ କୁଆଡେ ତମେ ତାଙ୍କୁ ଭୁଲିଯାଉଛ । ନିର୍ଦ୍ଦେଶ ଦେଲେ ମୋ ଫଟୋକୁ ନେଇ ଟଙ୍ଗେଇବୁ ତୋ ଶଶୁରଙ୍କ ସାମ୍ନାରେ । ଶୋଇବା ଘରେ । ଅନ୍ତତଃ ଶୋଇବା ପୂର୍ବରୁତ ଦେଖି ଟିକେ ମନେ ପକେଇବେ ମୋତେ। ଆହୁରି କହିଲେ, ଶଶୁରଙ୍କ ସେବାରେ ହେଳା କରିବୁନି । ଯିମିତି କରୁଛୁ ଏବେ, ସବୁଦିନ କରୁ ଯିମିତି। ମୁଁ ଦେଖୁନିକି ସ୍ୱର୍ଗରୁ ।

---- ତେବେ ଆସି ପହଞ୍ଚି ସାରିଛି ତମ ପାଖରେ ।

--- ହଁ ବାପା, ତମେ ଶୋଇପଡ । ମୁଁ ଆସୁଛି ।

ସଲିଳା ଚାଲିଗଲା।

ଶମ୍ଭୁଙ୍କୁ ମିଳିଲା ଚିନ୍ତାର ଖୋରାକ। କେବେ ଭାବନ୍ତିନି । ଆଜି ବାଧ ହେଉଛନ୍ତି ଭାବିବାକୁ । ମାଧୁରୀ ଆସିଥିଲା ସ୍ୱପ୍ନରେ ତାଙ୍କର। ଯିବାଠାରୁ କେବେ ଆସିନଥିଲା। ହଠାତ ପହରିଦିନ ରାତିରେ । ସିଧା କହିଲା, କେଡେ ସ୍ୱାର୍ଥପର ମଣିଷ ତମେ ? ବଞ୍ଚିଥିବାବେଳେ ଗୋଟା ନିଜର । କ'ଣ ମୁଁ ନକରିଛି ତମପାଇଁ । ତମ ପରିବାର ପାଇଁ ? କାହାପାଇଁ ଯେ ଘର ? ମଲାପରେ ସବୁ ଗଲା। ଏପରିକି ଗଲି ମନ ମାନସିକତାରୁ । ଦିନେ ମୁହୂର୍ତ୍ତେ ଅନେଇଚ ମୋତେ ? ଟାଙ୍ଗିଛ ନେଇ ଡ୍ରଇଂରୁମରେ ଯିମିତି ଆଖିର ଅନ୍ତରାଳରେ ରହେମୁଁ । କେଡେ ସ୍ୱାର୍ଥପର ହେଇପାରେ ମଣିଷ ! ବୋହୁକୁ ପାଇ ଭୂଲିଲ ମୋତେ । ବହୁତ ପୂରଣ କଲା ସବୁ ଆବଶ୍ୟକତା, ଯାହା ମୁଁ କରୁଥିଲି । ଅଭାବ ରହିଲେତ ମନେ ପକେଇବ । ହଉ, ସୁନାବୋହୁ ପାଇଚ । ଭଲରେ ଥାଅ । ମୁଁ'ତ ମାଟିଛାଡି ଶୂନ୍ୟରେ ଏବେ । ଆଉ ପାଇବି ସୁଯୋଗ,ନା ଯିବି ତମ ପାଖକୁ । ମୋତେ ମନେ ପକାଅ କି ନପକାଅ, ଭଲରେ ଥାଅ । ପିଲାମାନଙ୍କୁ ଦେଖୁଥିବ । ତମ ଖୁସିରେ ଖୁସି ମୁଁ । ମୁଁ ବ୍ୟବସ୍ଥା କରୁଛିଯେ ଏଣିକି ନିଇତି ଦେଖାହବ ତମସହ। ଦେଖିଲେ ଭାବିବନିକି। ଆସୁଛି।

ରାତି ପାହିଗଲା ସ୍ୱପ୍ନରେ ସ୍ୱପ୍ନରେ । ଶମ୍ଭୁ ଭାବିଥିଲେ କହିବେନି ବୋହୁଙ୍କୁ ଏକଥା। ରଖି ପାରିଲେନି ମନରେ । କହିଥିଲେ । ଅବଶ୍ୟ ଦୁଃଖ କରିଥିଲେ ବୋହୁ ଶୁଣି । ଦୋଷ ଦେଇଥିଲେ ତାଙ୍କ ଉପରେ ବୋଉଙ୍କୁ ଭୁଲି ଯାଉଥିବାରୁ । ମାତ୍ର ବର୍ଷ ଦୁଇଟା ଯାଇଛି । ତାଙ୍କ ଲୋଭ କ'ଣ ଜିବଣି ଘରୁ ? ଆଉ ଦେଖ, ମୋ'ଠିକି ଆସି ଶାନ୍ତି ହେଲାନିଯେ ଆସିଲା ବୋହୁଙ୍କ ସ୍ୱପ୍ନରେ। ସିଧା ନିର୍ଦ୍ଦେଶ ଦେଲା ଫଟୋକୁ ଆଣି ଟାଙ୍ଗିବାକୁ ଏଠି । ସେଥିପାଇଁ କହୁଥିଲା ଏଣିକି ନିଇତି ହେବ ଦେଖା । ବୁଝି ପାରିନଥିଲେ । ବୁଝୁଚନ୍ତି ଏବେ । ସବୁ ମାଧୁରୀର କାରନାମା । ଭୁଲ ଅବଶ୍ୟ ହେଇଚି ତାଙ୍କର । ଭୂଲି ଯାଇଛନ୍ତି ପୂରାପୁରି ତାଙ୍କୁ । ତାଙ୍କ ତ୍ୟାଗ, ତାଙ୍କ ଦାନକୁ ସେ ଅସ୍ୱୀକାର କରୁନାହାନ୍ତି । ଗଲାଲୋକ ଗଲାଭାବି ଆଣୁ ନଥିଲେ ମନକୁ । ଆଣି ଲାଭବା କ'ଣ । ତାଙ୍କ ଖାମଖିଆଲି ଶେଷକୁ କାଳହେଲା ତାଙ୍କର । ଆଙ୍ଗୁଳି ଗେଂଜି ମନେ ପକେଇଦେଲା ମାଧରୀ । ଛାଡ଼, ଏଣିକିତ ଡେଲି ଦେଖା । ଆଖିପଡିବ ଫଟୋ ଉପରେ ନିଶ୍ଚିତ ଶୋଇବା ପୂର୍ବରୁ । ବାସ,ଏତିକିରେ ଯଦି ଜଣେ ଖୁସି ହେଇପାରେ, ତାହାହିଁ ହେଉ।

ଶମ୍ଭୁଙ୍କର ଆଖି ଲାଗି ଆସୁଥିଲା । ଶୋଇବା ଡେରୀ ହେଲାଣି । ଘରେ ଶବ୍ଦ ଶୁଭୁନି । ପିଲାମାନେ ଖାଇ ଶୋଇବେଣି ବୋଧେ । ଶମ୍ଭୁ ଲାଇଟ ନିଭେଇବା ପୂର୍ବରୁ ଶେଷଥର ଅନେଇଦେଲେ ମାଧୁରୀକୁ । ମାଧୁରୀ ହସୁଚି ମୁରୁକି ମୁରୁକି । ଭାରି ଖୁସି ଜଣାପଡୁଚି ଫଟୋରେ । କେବେ ଦେଖିନଥିଲେ ଇମିତି ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଜାଲ

ଲୋପାମୁଦ୍ରା ପରିଡ଼ା



ପୃଥ୍ୱୀଶ୍ ମୋ ସହ ଚାଟ୍‌ରେ ଗପୁଥିଲା। ମୁଁ ଶହେ ଥର ତାକୁ କହିଥିଲି ଯେ କଥାରେ ଲଥା ଯୋଡିବୁନୁ। ତୋର ସିନା କିଛି କାମ ନାହିଁ ମୋର ଏତେ ବେଳ ନାହିଁ। ହେଲେ ସିଏ କୋଉ ଶୁଣିବା ପିଲା। ଅଡିୟଲ।

ତାକୁ ଗପିବାରେ କେହି ପାରନ୍ତିନି। ଏ କଥା ଷୋଳ ଅଣା ସତ । ମୁଁ ତାକୁ ଡହରା ଡାକେ। କଟକ ଆଡେ ଏମିତି ଡାକିଲେ ଖରାପ ଭାବନ୍ତିନି ଲୋକେ। ତାକୁ ଏମିତି ଡାକିବା କାରଣ ସିଏ ପ୍ରବଳ ଝିଅ ପଟାଏ, ବ୍ଲଫ୍ ମାରେ। କଲେଜ ଦିନୁ ମୁଁ ତାକୁ ଦେଖୁଛି ଯେ ଏବେ ଅଧପାକେଲା ବୟସରେ ବି ତାର ଗୁଣ ଛାଡିନି। ଅତି ଭଦ୍ର ଓ ମନଜିଣା କଥା କହିଆସେ ତାକୁ। ପାଣିରେ ସର ପକେଇ ଏମିତି କହେ ଯେ କେହି କାଉକୁ ଧଳା ଆଉ ପିଆଜ ଚୋପାକୁ ଅସରପା ଭାବିଦବ। ସୁଦୁ ଡହରାଟେ ନୁହେଁ ଆଉ କଣ ? ଆଉ ଏ ପରମସୁନ୍ଦରୀ କନ୍ୟାତକ। ଆହା ତା ଠୁ ପଇସା ଝଡେଇବେ, କାମ କରେଇବେ ଆଉ ତା ବିନା ପାଣି ନ ଛୁଇଁଲା ପରି ଅଭିନୟ ବି ନକରି କୋଉ ଛାଡିବେ ! ମତେ ଭାରି ରାଗ ଲାଗେ ଏ ପୃଥ୍ୱୀଶ୍‌ଟା ଉପରେ। କଣ ମିଳେ ଏ ସବୁରୁ ! ଏଇ ଯେମିତି ସତେକି ସିଏ କୃଷ୍ଣ ଆଉ ତାର ସଖିତକ କଳାଭ୍ରମର। ମୁଁ ତାକୁ ସରମହୀନ କହି ଗାଳିଦେଲେ ମୋହିନୀ ହସଟେରେ ସିଏ ସୁଝେଇଦିଏ। କହେ, ଯା ତୁ । ଏ ସବୁ ଖାଣ୍ଟି ଝିଅମାନଙ୍କ ପାଇଁ। ତୋ ପାଇଁ ନୁହେଁ ବୁଝିଲୁ। ମୁଁ ମୁହଁ ମୋଡ଼ି ଚାଲିଆସେ। ମୋ ଗୋଡକଚଡା ତାକୁ ପିଲାଳିଆ ଲାଗେ। ଆଉ ସିଏ ଛିଗୁଲାଏ। ଏସବୁ ସାଧାରଣ ଓ ନିତିଦିନିଆ କଥା।

ଏଠି କିନ୍ତୁ କଥା ପୃଥ୍ୱୀଶ୍‌ର ନଥିଲା, କି ନଥିଲା ଆଉ ବନ୍ଧୁପଣର । ଥିଲା ଅନ୍ୟ ଏକ ରହସ୍ୟର ।

ଦୀର୍ଘ ପଚିଶବର୍ଷ । କଲେଜ ସ୍କୁଲ ଦିନ ସବୁ ଏବେ ପୁରାତନ ଚିତ୍ରପଟ୍ଟ। ଆଉ ମନେ ନାହିଁ ଅନେକ ମୁହଁ ଅନେକ ନାଆଁ ଅନେକ ସ୍ମୃତି। ସବୁ ଫିକା ପଡିଲାଣି । ସବୁର ରଙ୍ଗ ପାଣିଚିଳା। ବହଳ ପାତଳ ଧରିଲାଣି।

ପୁରୁଣା ଛାତ୍ର ସଂସଦର ସମ୍ମିଳନୀ ହୋଲି ଦିନ। ସ୍ଥିର କରାଯାଇଛି। ରଙ୍ଗ ଖେଳକୁ, ଭୋଜିଭାତ। ଜମିବ। କିଏ କିଏ ହଁ କହିଛନ୍ତି ତ ଅନେକ ନାହିଁରେ ଅଟକିଛନ୍ତି । ଆଉ କିଛି ନିରୁତ୍ତର ଦୋ ଛକିରେ। ପିଲା ଦିନ ଛାଡ଼ିଦେଲେ ଜୀବନ କଣ ଆଉ କେବେ ସେତେ ସରଳ ହେଇପାରେ ଯେ ନିଧଡକ ସବୁ ପାଇଁ ରାଜି ହେଇଯାନ୍ତା ମଣିଷ ! ଦାୟିତ୍ୱ ତ ବୋଝ । ଖଣ୍ଡା ପରି ଖଣ୍ଡ ଖଣ୍ଡ କରିବାକୁ ସଦା ତୟାର। ମୋର ଯିବା ନୋହିବ ବୋଲି ଜଣେଇଦେଲି ମୁଁ କିଛି ଏମିତି, 'ଯେ ମୁଁ ଚେଷ୍ଟା କରିବି।'

ମତେ କୋଡିଏଶହ ଥର ପଚାରି ସାରିଥିଲା ଏ ଭିତରେ ପୃଥ୍ୱୀ ଯେ ଏ ବାହାନା ସେ ବାହାନା ତୋର ଚଳିବନି, ତୁ ତୋର ଅଫିସ, ବର, ପିଲା ଯାହା ଯେତେ ଜଣଙ୍କୁ ଆଣିକି ଆସୁଛୁ ଆସ କିନ୍ତୁ ଆସେ। ଜିଗର ଲଗେଇଥିଲା।

ହେ ପାଟି କରନି ବେ । ତୁ କଣ ଜାଣିଛୁ .... ଖଟରେ ଖାଇ ମଠରେ ଶୋଇବା ଲୋକ ତୁ। କହିଲି ମୁଁ।

ସିଏ କଣ ଜାଣିବ ଝିଅଟେର ଜୀବନ ଯେ, ସିଏ ବୁଝନ୍ତା। ମୁଁ ସେମିତିରେ ନିଜ ଭିତରେ କେବଳ ବଞ୍ଚୁଥିବା ଗେଣ୍ଡା ଖୋଳିଆ ମଣିଷ। ପୃଥ୍ୱୀଶ୍‌ର ବାପା ମୋ ବାପାଙ୍କ ସାଙ୍ଗ, ଘରପାଖ ପିଲା,ଏକା ଟ୍ୟୁସନ ଓ ସ୍କୁଲ ଯୋଗୁଁ ହିଁ ତାର ମୋର ଦୋସ୍ତି । ନହେଲେ ମୁଁ ମୋ ସେକ୍ସନ ଯାକରେ ବଧେ ଦଶଟା ଟୋଟାଲ ପିଲାଙ୍କୁ ଚିହ୍ନିଥିବି କି ନା ! ଅନ୍ୟ ସେକ୍ସନ କଥା ଛାଡ। ହୋଲି ଦିନ ପାଖଉଥିଲା। ଗ୍ରୁପ୍‌ରେ ଆଲୋଚନା ଯୋର୍ ଧରୁଥିଲା । ପର୍ଯ୍ୟାଲୋଚନା ହେଇଚାଲିଥିଲା। ମିଶାମିଶି ପ୍ରତିକ୍ରିୟା ଇଡି ହେଉଥିଲା। ମୁଁ ଏ ସବୁ ପଢି ଭାବୁଥିଲି ଗଲେ ହନ୍ତା ମ ଥରେ । ଦେଖନ୍ତି କେବେଦିନେ ପିଲା ଥିବା ଜୀବନଟିମାନ ବଡ଼ ହେଲେ କେମିତି ଦିଶନ୍ତି। କେତେ ବଦଳେ ମଣିଷ ସମୟର ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବଧାନର ଦାୟରେ।

ଆଜି ସଂଧ୍ୟାରେ ମୁଁ ଅଫିସ ଫେରନ୍ତା ଦେହଟାକୁ ସୋଫାରେ ଲଟେଇଦେଇ ଫୋନ ଟିପୁଛି । ଫୋନ ଏବେ ଗୋଟିଏ ମାୟାକୁଣ୍ଡ। ଥରେ ଖୋଲିଲେ ଚାରିଗୁଣ ସମୟ ଭାଏଁଭାଏଁ ଉଡିଯାଏ ଧରାପଡେନା। ରିଲ୍, ରୋଲ୍, ସର୍ଟ, ଫଟ୍ ସବୁର ଗୋଲପୋଲ୍ ଡୋଲ ସେଇଟି। ଯେତେ ଜ୍ଞାନ ଥାଉ ଯେ ଫୋନ ଟିପିଲେ ଏଟା ହୁଏ ସେଟା ହୁଏ ପ୍ରକୃତ କଥା ହେଲା ଫୋନ ଛୁଇଁବାର ଦଶ ମିନିଟ ଭିତରେ ପେଟିଆ ଆସନରେ ଯୋଗ ହୁଏ। ହରିବୋଲ। ପୃଥ୍ୱୀ ଜଗିଥାଏ ନା କଣ କେଜାଣି, ତମେ ଫୋନଟା ଧରିଥିବ ତାକୁ ଆକାଶବାଣୀ ହୁଏ ଯେ ଯା ମୁଣ୍ଡ ଖା। ବକରା ରେଡି। ମତେ ତ ସିଏ ଝିଅରେ ଗଣେନି। ଉଦଣ୍ଡୀଚଣ୍ଡୀ କହେ। ମୋର ଖାତିରି ନଥାଏ ତାର ଏ କଥାକୁ, କାରଣ ମତେ ତ ନହକା ତନୁଲତା ଲବଙ୍ଗ ଫୁଲ ବନି ଆସେନି। ଆଜି ବି ଗଳେଇଲା ନାକ ମୋ ଫୋନ୍ ବାଟେ ମୋ ସୋଫା ଯାଏ। ରାଗ ଚିଡେ କିନ୍ତୁ କହିହୁଏନି କାରଣ ଅନେକ ଦିନର ସଂମ୍ପର୍କ ବେଳେବେଳେ ହାତ ବାନ୍ଧିଦିଏ। ତେଣୁ ଭାଓ ଦେବାକୁ ପଡେ। ବହେ ଟାଇମ୍ ପାସ୍ ଗୁଡିଆତୁଡିଆ କଥା ପରେ ଟିକେ ରହି ଆଜି ମତେ କହିଲା

- ଆବେ ଝୁମୁରି ତୋର ଜିଟୋ ମନେ ଅଛି ନା ? ଆମ କଲେଜ ପିଲା। ଯିଏ ତତେ ଲୁଚି ଲୁଚି ପ୍ରେମ କରୁଥିଲା।

ସିଏ ମତେ କହିଛି ତତେ ତା ତରଫରୁ କ୍ଷମା ମାଗିନେବାକୁ।

- କଣ ? ସିଏ କିଏ ? ମୋର ତ ମନେ ହିଁ ନାହିଁ ସିଏ କଳା କି ଧଳା। ଆଉ କଲା କଣ ଯେ କ୍ଷମା ମାଗୁଛି ? ତୁ ଏମିତି ଫାଲତୁ ବାଜେ କଥା ଗପିବୁନି ମୋ ଆଗରେ ହେଲା। ମୋର ପସନ୍ଦ ନୁହେଁ ଏମିତି କଥା ସବୁ । ତୁ ଭଲରେ ଜାଣିଛୁ। ଆଉ ମୋ ନାଁ ଝୁମୁରି ନୁହେଁ। କଥା ହବାର ଅଛି ତ ସ୍ନିଗ୍ଧା ଡାକ।

- ତୁ.... ତୁ ସତରେ ବାୟାଣୀଟା। ତୁ ତାକୁ ଭୁଲିଯାଇଛୁ ? ନା ମିଛ ଗପୁଛୁ କିରେ ? ସିଏ କଣ ଏତେ କଥା କହୁଛି ? । ତୁ କଣ ଭୁଲିଯାଇଛୁ ବେ।

- ମୁଁ ତୋ ଭଳିଆ ଲପେଟେନି କି ଫିଙ୍ଗେନି ଯେ ମିଛ କହିବି ବୁଝିଲୁ ମାଙ୍କଡ । ତୁ ଜାଣିଛୁ ମୁଁ ମିଛ କହେନି। ଡହରାମୀ ନାହିଁ ମୋର।

ରାଗ ଚଢୁଥିଲା ମୋ ଶିରକୁ ପାଦ ଆଡୁ।

- କଣ ହେଲା ରାଗୁଛୁ କାହିଁକି ? ତୋର ତ ନାକ ଅଗରେ ଖାଲି ରାଗ। ଟିଙ୍ଗି। ମନେ ନାହିଁ ତ ଭଲ କଥା। ଛାଡ। କିନ୍ତୁ ବିଚରାର ଅବସ୍ଥା ଭଲ ନାହିଁ। ମେଡିକାଲରେ ପଡିଛି। ଖାଲି ତୋ ସହ ଦେଖା କରିବ ବୋଲି ହୋଲି ଫଙ୍କସନ୍‌କୁ ଆସିବାକୁ ଗୋଡ ଟେକିଛି । ଥରଟେ ନହେଲେ ଫୋନ କରି କଥା ହେଇଯା। ନମ୍ବର ଦଉଛି।

କି ଆଶ୍ଚର୍ଯ୍ୟ! ଯାହାକୁ ମୁଁ ମୋଟେ ଚିହ୍ନିନି ସେଠି ପୁଣି ଏତେ ପ୍ରଶ୍ନ ଉଠୁଛି କୋଉଠୁ। ଦରକାର ନାହିଁ ନମ୍ବର। ରଖ ତୋର ।

- ଦେଖେ ! ତୋ ଇଚ୍ଛା। ଆସିଲେ କିନ୍ତୁ ଭଲ ହନ୍ତା। ତା ଫଟୋ ପଠଉଛି। ଦେଖେ। କାଳେ ମନେ ପଡିବ।



ଫୋନ ରଖିଦେଲା ସିଏ ତା ଆଡୁ। ପ୍ରଥମ ଥର ଏମିତି ହେଲା।

ଜୋକଟେ ହେଇ ଛାଡିଗଲା ସହଳ ବିନା ଲୁଣରେ। ବିକର୍ଷଣ ବୋଲି ନିୟମଟେ ବି ଧରାରେ କାମ କରେ ଆଉ ବିପରୀତ କଥାଟି ହିଁ ଅଗ୍ରଣୀ ହେଇ ଆଗ୍ରହ ସୃଷ୍ଟି କରାଏ।

ହ୍ୱାଟ୍‌ସ ଅପ୍ ଟୁଂ କରି ହେଲା। ମୁଁ ଫଟୋ ଖୋଲି ଦେଖିଲି । ତୁରନ୍ତ । ବୟସ ପଚାଶ ଡେଇଁଲା ପରି ଦିଶୁଥିବା ସାଧାରଣ ଚେହେରାର ଲୋକଟେ। ଅଣାକର ମନେ ପଡିଲାନି। ମୁଁ ପାଶୋରିଯିବା ଠିକ୍ ବିଚାର କରି ଫୋନ ସେଇଠି ଥୋଇ ଦେଇ ଘରକାମ ପଟକୁ ଢଳିଲି । ହେଲେ ସଂଶୟ ଗୋଟେ ଏମିତି ଦାଗ ଯାହା ଅନୁଶୋଚନା କରେଇଲାଯାଏ ଟାଣିବ ହି, ମତେ କାଇଁ କୋଉ ଗରଜରେ ଛାଡନ୍ତା। ଘୁଣ ପୋକ ଭଳି କଣା କଲା ମୋ ଦିମାଗକୁ ଏବେ ସେଇ ଜିଟୋ ନାମକ କୀଟ। ଭାବିହେଲି। କିଏ ସିଏ ? କଣ କହୁଥିଲା ପୃଥ୍ୱୀ ? ମଣିଷର ମନ ହି ଚଳାଏ ତାର ରୁଟିନ୍। ମନ ଚିଡଚିଡ ରୁଟି ପୋଡା। ମନ ଚାଙ୍ଗା ରୁଟି, ମାଲପୁଆ। ଦିନ ପାଖେଇ ଆସୁଥାଏ। ଆଉ ଦି ଦିନେ ହୋଲି। ସମସ୍ତେ ଏକାଠି । ହେବେ। କେତେ ରଙ୍ଗ ଉଡିବ। ଆକାଶରୁ ଉତ୍ତୁରି ଆସୁଛି ସପ୍ତରଙ୍ଗ। ହେଲେ ମୁଁ କାହିଁକି କେତେ ବିଚଳିତ ? ଅସ୍ଥିର। ଆନମନା। କାରଣ ପାଉନି । ମତେ ସବୁଆଡ ଧୂସର ଦିଶୁଛି। କିଛି ସଂଙ୍କେତ ଦେଉଛି ଯେମିତି ବ୍ରହ୍ମାଣ୍ଡ। ପାଦ ରୋକି ହେଇଯାଉଛି। ଚାଲିବା ବେଳେ ଆପେ ଛନ୍ଦି ହେଉଛି। ମୁଁ ବ୍ୟସ୍ତ। ପୁଲକିତ ହେବା ରୂତୁରେ ମୁଁ ବେମାର ହେଇ ପଡିଛି। ସ୍ୱାମୀ ଆରଭ କହୁଛନ୍ତି, 'ଡାକ୍ତର ଦେଖେଇବା କି ? କଣ ହେଇଛି କୁହ ତ ? ଏତେ ଟେନସନ କଣ ହଠାତ୍।'

କଣ ହେଉଛି ନିଜକୁ ଅବୁଝା, ତାଙ୍କୁ କଣ କହିବି !

କାଲି ହୋଲି। ମୁଁ ଶୋଇଛି ରାତିରେ। ସେମିତିରେ ମୁଁ ହାତୀ ଚଢିଗଲେ ହଲିବା ଲୋକ ନୁହେଁ। ନିଦ୍ରା ଗ୍ରସ୍ତେ କୁମ୍ଭକର୍ଣ୍ଣ ଭଗିନୀ। ହେଲେ ଆଜି ଛାଟିପିଟି ଲାଗୁଛି। ପହଁରା ନଶିଖି ପୁଲ୍‌ରେ ଗୋଡ ଖସେଇଦେଲା ପରି ଅନୁଭବ ଚଟକେଇଦେଉଛି ଛାଇନିଦକୁ ଥର ଥର କରି। ଆରଭ ମୁଣ୍ଡ ଆଉଁସି ଦେଉଛନ୍ତି। ଚିନ୍ତିତ ଲାଗୁଛନ୍ତି। ଝଡ ପୂର୍ବର ନୀରବତା ଭୋଗୁଛି ମୁଁ। ଆଖି ଲାଗି ଆସୁଛି। ମତେ ଦିଶୁଛି ରଙ୍ଗ ଉଡୁଛି। ମୁଁ ଖୁସିରେ ନୂଆ ଓଢଣୀ ଉଡେଇ ଦଉଡୁଛି । ଆଲବମ୍‌ର କିଶୋରୀ ହିରୋଇନ୍ ପରି। ଆନନ୍ଦର ଫଗୁ ଖେଳୁଛି ପବନରେ । ସାଙ୍ଗମାନେ ପଛେ ପଛେ ଆସୁଛନ୍ତି। କିଏ, କିଏ ବୁଝାପଡୁନି। ମୁହଁ ଦିଶୁନି ଠିକରେ। ଧଡ୍ କରି କିଏ ଟାଣି ନେଉଛି ମତେ ବାହାଧରି। ଡେଣୀ ମୋଡ଼ି ହେଇଯାଉଛି। ଇସ୍। କେଡେ ଅନ୍ଧାରଲେପା କୋଣଟେ। କଷରା ରଙ୍ଗର ପ୍ରଲେପ କାନ୍ଥଯାକ। ଭୟ ଜଡେଇଧରୁଛି ମତେ, ହେଲେ ମୁକୁଳେଇ ପାରୁନି। କାତର ହେଉଛି। ଅଜଗର ପେଟରେ ହରିଣ ପଡିଗଲା ପରି । ହାବୁଡିଥିବା ଆର୍ତ୍ତରୁ ତ୍ରାଣ କରିବାକୁ ଦୂର ଦୂର ଯାଏ କେହି ଦିଶୁନି। ଗରମ ବାଲି ଉଡୁଛି। ସାଙ୍ଗ ମାନଙ୍କ ଉଡୁଥିବା ପଣତ ଅଦୃଶ୍ୟ। କିଏ ଗୋଟେ ମତେ ପଛରୁ ଭିଡି ଧରିଛି। ମୁଁ ଲଢୁଛି । ଖୁବ୍ ଲଢୁଛି । ମୁଖାଟାଣି ଦେବାକୁ ତାର ପ୍ରାଣପଣେ ଚେଷ୍ଟା କରୁଛି। ରଙ୍ଗ ବୋଳିବା ବାହାନାରେ ତାର ଆଙ୍ଗୁଳି ଲକ୍ଷ୍ମଣ ରେଖା ଡେଉଁଛି । ସାପ ପରି ବିଷାକ୍ତ ଶକ୍ତି କବଳରେ ମୁଁ। ସବୁ ବଳ ଲଗେଇ ମୁଁ ଧକ୍କା ମାରୁଛି। ସିଏ ଖସିପଡିଛି କି ନା ଦେଖିବାକୁ ମୋର ତର ନାହିଁ। ମୁଁ ଅଧାଭଙ୍ଗା ଦୁଆରଦେଇ ଖୋଲା ଅଗଣାକୁ ଛିଟିକି ପଡୁଛି। ଧମ୍ କରି ନିଦ ଭାଙ୍ଗି ଯାଉଛି ମୋର । ଅବଚେତନ ଦୋହଲେଇଦେଇ କହୁଛି, 'ସଚେତ ହ।' ମୋର ମନେ ପଡୁଛି ,'ଆବେ ଝୁମୁରି, ତୋର ଜିଟୋ ମନେ ଅଛି ନା ?' ପ୍ରଶ୍ନଟା ଗୁଡେଇତୁଡେଇ। ମୋର ସେ ଫଟୋ ମନେପଡିଯାଉଛି । ମନେ ପଡୁଛି ମୁଁ ଆଜି ଯାଏ ରଙ୍ଗକୁ, ହୋଲିକୁ ଡରୁଥିବାର କାରଣ। ସ୍ପଷ୍ଟ ଖରା ପରି ସବୁ ଦିଶିଯାଉଛି। ଯେମିତି ଚଳନ୍ତା ଚିତ୍ର । ମୁଁ ଆକ୍ତାମାକ୍ତା। ଗମଗମ ଝାଳ ଦେହଯାକ। ତଣ୍ଟି ଅଠା ଅଠା। ଶୁଖିଲା ଘାଆରୁ ଚୋପା ଛାଡି ଯାଇ ଯୋର ପୋଡୁଛି ।

ଆରଭ ତଥାପି ଶୋଇନାହାନ୍ତି । ବସି ରହିଛନ୍ତି ମୋ ପାଖରେ। ମତେ ଜଗିକି ସାରା ରାତି । ମୋ ଭିତରର କଣ୍ଟା ତାଙ୍କୁ କ୍ଷତାକ୍ତ କରୁଛି। ସେଇ ମୂହୁର୍ତ୍ତଟିକୁ ସିଏ ସମ୍ଭାଳି ନେଇଛନ୍ତି। ମୁଁ ସ୍ଥିର ପଡୁଛି କି ?

ରାତି ପାହୁଛି। ଆଜି ହୋଲି। ସକାଳୁ ସକାଳୁ ପୃଥ୍ୱୀ ଫୋନ କରିଛି।

ମୁଁ ସମ୍ଭବତଃ ନ ଉଠେଇବା କଥା।

କିନ୍ତୁ ମୁଁ ଉଠେଇଛି ଆଉ କହିଛି, 'ଶୁଣ,ତୁ ମତେ ଆଉ କେବେ ଫୋନ କରିବୁନି। ଆଜି ପରେ ଆମେ ଅଚିହ୍ନା ଦୁହେଁ ଦୁହିଁଙ୍କ ପାଇଁ। ରହିଲି। ଭଲ ଥା।' 'କାଟି ଦେଲି। ଏଇ ମଝିରେ ଝୁଲୁଥିବା ସଂମ୍ପର୍କ ମାନେ ମୋର ପସନ୍ଦ ନୁହେଁ । ସଂମ୍ପର୍କ ପାରଦର୍ଶୀ ହେବା ଚାହି । ଏପାରି ନ ହେଲେ ସେ ପାରି । ମଧ୍ୟସ୍ଥ ହେଇ କିଛି ନ ରହୁ। ତାକୁ କାରଣ କହିବା ଜରୁରୀ ନଥିଲା। ସିଏ ଫୋନ ଉପରେ ଫୋନ କରିଚାଲିଥିଲା। ଭାବୁ ସିଏ ମତେ ହାଡ୍‌ମେଣ୍ଟାଲ୍। ଚଳିବ। କିଛି କଥା ନାହିଁ।

ଭାରି ହାଲକା ଲାଗିଲା। ଏକଦମ ରିଲାକ୍ସ। ଆତ୍ମାର ବୋଝ ଓଲ୍‌ହେଇ ଦେଲା ପରି। ଆରଭ ପଛରେ ଠିଆ ହେଇଥିଲେ ଗାଢ ପ୍ରଶ୍ନ ନେଇ। ତାଙ୍କ କୋଳକୁ ଆଉଜି ପଡି କହିଲି,' ଜାଣିଛ , ଝିଅଟି କେବଳ ଓ କେବଳ ତାକୁ ସମ୍ମାନ କରୁଥିବା ମଣିଷଟିକୁ ହିଁ ଭଲପାଇପାରେ। ଆଉ ଝିଅଟିଏ ଯାହାକୁ ଭଲପାଏ ତା ପାଇଁ ସବୁ କରିପାରେ। ସବୁ ଯେତେ ପୁରୁଣା ମାୟାଜାଲହେଉ ଅଚିରେ ଛିଣ୍ଡେଇ ଫିଙ୍ଗିଦେଇପାରେ ଯେମିତି କେବେ ନଥିଲା ସେଇଟି ।' ପୁଣି ଟିକେ ରହି କହିଲି, 'ଏ ବର୍ଷ ମୁଁ ରଙ୍ଗ ଖେଳିବି। ମୋ ପାଇଁ ପିଚକାରୀ ଆଣିଦବ ?'

ମୋ କପାଳକୁ ଚୁମି ଦେଲେ ଆରଭ ଏକ ପବିତ୍ର ଗଭୀରତାରେ।

ଫିଟିପଡିଲା ମୋ କବରୀରୁ ଅବିରର ଫଲଗୁ ମନକୁ ରଙ୍ଗା କରି।

+ପାନାଥୁର, ବେଙ୍ଗାଲୁରୁ
ମୋ: ୯୭୩୧୦୫୭୦୧୪

# କେନ୍ଦୁଝରରେ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା

କେନ୍ଦୁଝର, ୦୭/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ସଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ କଲେକ୍ଟୋରେଟ୍ ର ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଆଇନର ଧାରା ୪ (୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହିଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କର୍ମଶାଳାକୁ ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ ଅନ୍ ଲାଇନ୍ ଆର୍ଟିଆଇ ପୋର୍ଟାଲ କିପରି ଇ-ଆର୍ଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ କରାଯିବ। ସରକାରୀ ୱେବସାଇଟ୍ ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍। ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା। ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଂଟ ସମ୍ବନ୍ଧୀୟ ଆଲୋଚନା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଅଧିକାରୀମାନେ ସେମାନଙ୍କର ସନ୍ଦେହ ଦୂର କରିବା ସହ ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ। ସୂଚନା ଅଧିକାର ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସନ୍ତୋଷ କୁମାର ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆସନ୍ତା ୨୮ରେ କେନ୍ଦ୍ରାପଡା ଜିଲ୍ଲା ଓକିଲସଂଘ ନିର୍ବାଚନ

କେନ୍ଦ୍ରାପଡା, ୦୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓକିଲସଂଘ ନିର୍ବାଚନ ଚଳିତ ମାସ ୨୮ ତାରିଖ ଦିନ ଅନୁଷ୍ଠିତ ହେବାକୁ ରାଜ୍ୟ ବାର୍ କାଉନ୍ସିଲ୍ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ରାଜ୍ୟ ବାର୍ ସଂଘ ନିର୍ଦ୍ଦେଶକ୍ରମେ ପ୍ରଭାତ କୁମାର ପ୍ରଧାନଙ୍କୁ ଓକିଲସଂଘ ନିର୍ବାଚନକୁ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ପ୍ରଧାନଙ୍କୁ ସହଯୋଗ କରିବା ପାଇଁ ନୀଳମଣୀ ମହାନ୍ତି, ମନୋରଞ୍ଜନ ବାରିକ, ସେକ୍ ମତୁଆଲାବସ୍, ରମେଶ ଚନ୍ଦ୍ର ମଲ୍ଲିକ, ରବିନ୍ଦ୍ର କୁମାର ପାତ୍ରଙ୍କୁ ସହଯୋଗ କରିବା ପାଇଁ ନିଯୁକ୍ତି ଦିଆଯାଇଛି ।

# ଫତେପୁର ଗ୍ରାମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭଦ୍ରକ, ୦୭/୩ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଫତେପୁର ଗ୍ରାମରେ ଶନିବାର ଏସ.ଜି. ଫାଉଣ୍ଡେସନ୍ ଓ ରିଲାୟନ୍ସ ଫାଉଣ୍ଡେସନ୍ ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ, ଏମବିକେ ଓ ଗ୍ରାମବାସୀମାନେ ଏଥିରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ମହିଳା କଲେଜର ପୂର୍ବତନ ଓଡ଼ିଆ ବିଭାଗର ପ୍ରାଧାପିକା ଡ଼. ରାଧାରାଣୀ ମହାପାତ୍ର ଯୋଗଦେଇ ମହିଳାମାନଙ୍କ ଅଧିକାର, ସଶକ୍ତିକରଣ ଓ ସମାଜରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ୱାନ୍ ଷ୍ଟପ୍ ସେଂଟରର ଆଡମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା ଓ ଶକ୍ତି ସଦନର କର୍ମଚାରୀ ଲିପ୍ସା ନାୟକ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା, ଆଇନ ସହାୟତା ଓ ସରକାରୀ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସାମ୍ବାଦିକ ସନ୍ତୋଷ କୁମାର ଦାସ, ରତିକାନ୍ତ ନାୟକ, ରିଲାୟନ୍ସ ଫାଉଣ୍ଡେସନ୍ର ଡିପିଏମ ଦିଲୀପ କୁମାର ପ୍ରଧାନ ମହିଳାମାନଙ୍କ ଆତ୍ମନିର୍ଭରଶୀଳତା ଓ ସମୂହ ଉନ୍ନତିରେ ସ୍ୱୟଂସହାୟକ ଗୋଷ୍ଠୀର ଭୂମିକା ବିଷୟରେ ଅଲୋଚନା କରିଥିଲେ। ଏସ.ଜି. ଫାଉଣ୍ଡେସନ୍ର ପ୍ରୋଗ୍ରାମ୍ ମ୍ୟାନେଜର ସାଇସ୍ମିତା ସାମଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ପାଇଁ ସଂସ୍ଥା ପକ୍ଷରୁ ହେଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିବା ବେଳେ ଏସ.ଜି. ଫାଉଣ୍ଡେସନ୍ର ପ୍ରୋଗ୍ରାମ୍ ଅଫିସର କାମନାରାଣି ଗିରି, ଚକାବନ ମୁନା, ଲକ୍ଷ୍ମୀଧର ମଲ୍ଲିକ ଓ ଚନ୍ଦନ କୁଅଁର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଅଧିକାର, ଶିକ୍ଷା, ସୁରକ୍ଷା ଓ ସମାଜରେ ମହିଳାଙ୍କ ସମାନ ଅଧିକାର ବିଷୟରେ ଆଲୋଚନା ହୋଇଥିଲା ।

## ଅଟୋ ଧକ୍କାରେ ବାଇକ ଆରୋହୀ ଓ ସହଯାତ୍ରୀ ଆହତ

କୋରେଇ, ୦୭/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ନିକଟରେ ଆଜି ମଧ୍ୟାହ୍ନରେ ଏକ ଅଟୋ ବାଇକ ଆରୋହୀକୁ ଧକ୍କାମାରି ପଳାଇଥିବା ବେଳେ ବାଇକ ଆରୋହୀ ସସ୍ତ୍ରୀକ ଆହତ ହୋଇଛନ୍ତି । ସେମାନଙ୍କୁ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ପ୍ରକାଶଯେ ବରୁଣ୍ଡାଇ ଅଂଚଳର ଏକ ଦମ୍ପତି ଏକ ବାଇକ ଯୋଗେ କତରାପୁର କାଳୀଙ୍କ ନିକଟକୁ ଯାଇଥିଲେ । ସେଠାରୁ ପୂଜାର୍ଚ୍ଚନା ସାରି ବରୁଣ୍ଡାଇ ଫେରୁଥିଲେ। ମାତ୍ର ଟିକର ପୋଲ ନିକଟରେ ଏକ ନାଲି ରଂଗର ଅଟୋ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ରାସ୍ତା ଉପରେ ଖସିପଡିବା ଫଳରେ ଉଭୟ ଦମ୍ପତି ଆହତ ହୋଇଥିବା ବେଳେ ପତ୍ନୀ ଅଧିକ ଆହତ ହୋଇଥିଲେ । ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ଓ ପୁଲିସ ପହଂଚି ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି ।

# ୧୪୯ ବର୍ଷର ଧର୍ମଶାଳାର ମୁନ୍ସୀ ମେଲଣ ଉଦ୍‌ଯାପିତ

ଧର୍ମଶାଳା, ୦୭/୩ (ନି.ପ୍ର): ବ୍ରିଟିଶ ଶାସନ କାଳରେ ଭାରତୀୟମାନଙ୍କୁ ବହୁ ଅତ୍ୟାଚାରର ଶୀକାର ହେବାକୁ ପଡିଥିଲା । ଭାରତୀୟମାନଙ୍କ ଘୃଣା ଚକ୍ଷୁରେ ଦେଖୁଥିଲେ ବ୍ରିଟିଶମାନେ । ଭାରତୀୟ ପରମ୍ପରା ପ୍ରତି ପ୍ରବଳ ଘୃଣାଭାବ ଥିଲା । ଏହା କିଛି ନୂଆ କଥା ନୁହେଁ । ସମସ୍ତେ ସମାନ ନଥିଲେ । ସେମାନଙ୍କ ମଧ୍ୟରୁ କିଛି ଭାରତୀୟ ପରମ୍ପରାକୁ ଗଭୀର ଭାବେ ଭଲ ପାଉଥିଲେ । ମାତ୍ର ଏମିତି ବି ପରମ୍ପରା ଅଛି ଯେଉଁଠି ବ୍ରିଟିଶ ପୁଲିସର ଭାରତୀୟ ପ୍ରୀତିର ଝଲକ ଦେଖିବାକୁ ମିଳିଥିଲା । ଯାଜପୁର ଧର୍ମଶାଳା ମୁନସୀ ମେଲଣ ଏହାର ନିଦର୍ଶନ ଦେଖିବାକୁ ମିଳିଥାଏ । ଏହି ମେଲଣ ଆଜି ବି କହୁଛି ସେଦିନର କଥା । ସର୍ବଦା ଶାନ୍ତି ଶୃଙ୍ଖଳାର ରକ୍ଷକ ସାଜୁଥିବା ପୁଲିସ ଏଠି ପରମ୍ପରାର ରକ୍ଷକ ସାଜିଛି । କେବଳ ଚୋର, ଡକାୟତ, ଗୁଣ୍ଡା ବଦମାସଙ୍କ ସହିତ ପୁଲିସର କାମ ନାହିଁ ବୋଲି ସେଦିନ ବୁଝାଇ ଦେଇଥିଲା ବ୍ରିଟିଶ ପୁଲିସ । ଆରମ୍ଭ କରି ଦେଇଥିଲା ଓଡିଆଙ୍କ ପ୍ରୀୟ ଦୋଳ ମେଲଣ । ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପୂଜାରୀ ହେଉଛନ୍ତି ଧର୍ମଶାଳାବାସୀ । କେବେ ବି ଭୁଲି ନାହାନ୍ତି ଅତୀତର ଐତିହ୍ୟ ଓ ପରମ୍ପରାକୁ । ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ୍ୟ ଦୋଳ ପର୍ବ ଏକ ସାର୍ବଜନୀନ ପର୍ବଭାବେ ପାଳନ କରାଯାଇଥାଏ । ଏ ଅଂଚଳର ଦୋଳ ପର୍ବ କହିଲେ ମୁଖ୍ୟତଃ ମୁନସୀ ମେଲଣକୁ ହିଁ ବୁଝାଏ । ଚଳିତ ବର୍ଷ ଏହି ମୁନସୀ ମେଲଣକୁ ପୁରିଛି ୧୪୯ ବର୍ଷ । ଆଜକୁ ୧୪୯ ବର୍ଷ ତଳେ ଧର୍ମଶାଳା ଥାନାରେ ଥିବା ମୁନସୀ ବାବୁ ଦୟାନିଧି ମଲିକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏହି ମେଲଣ । ସେହି ବ୍ରିଟିଶ କାଳରୁ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଛି ଏହି ମୁନସୀ ମେଲଣ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଧର୍ମଶାଳା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ମେଲଣର ସର୍ବେସର୍ବା ତଥା ମୁଖ୍ୟ ପୁରୋଧାଭାବେ ବିବେଚନା କରାଯାଏ । ଗତକାଲି ଠାରୁ ଧର୍ମଶାଳା ଥାନା ପରିସରରେ ଗଢି ଉଠିଛି ଜନସାଧାରଣ ଓ ପୁଲିସ ମଧ୍ୟରେ ମଧୁର ସମ୍ପର୍କ । ଯାହାକି ଏହି ପରମ୍ପରା ୧୪୯ ବର୍ଷ ବୟସରେ ପାଦ ଥାପିଛି । ଗତ କାଲିଠାରୁ ଧର୍ମଶାଳା ମେଲଣ ପଡିଆରେ ବାରି ହୋଇ ପଡୁଛି ହସଖୁସିର ସମ୍ପର୍କ । ଉତ୍ସବ ମୁଖର ହୋଇ ପଡିଛି ଧର୍ମଶାଳା । ଏହି ଦିନରେ ଲୋକେ ପୁଲିସ ବାବୁ ପଣିଆକୁ ଭୁଲି ଯାଆନ୍ତି । ପୁଲିସ ମଧ୍ୟ ନିଜର କଟକଣାକୁ ଭୁଲି ଯାଇଥାଏ । ସ୍ଥାନୀୟ ଅଂଚଳର ଛୋଟବଡ ବିମାନଙ୍କୁ ଏଠାକୁ ଫଗୁ ଖେଳିବାକୁ ନିମନ୍ତ୍ରଣ କରାଯାଏ । ଚଳିତ ବର୍ଷ ଛୋଟ ବଡ ୫୦ରୁ ଉର୍ଦ୍ଧ୍ୱ ବିମାନ ଯୋଗଦେଇ ଫଗୁ ଖେଳିଛନ୍ତି । ବିମାନ ନିକଟରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସ୍ଥାନୀୟ ଅଂଚଳର ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏବଂ ବିଭିନ୍ନ କିସମର ଦୋଳି ସାଂଗକୁ ମୀନାବଜାର ଷ୍ଟଲରେ ଲୋକଙ୍କ ନାହିଁ ନ ଥିବା ଭିଡ । ଶେଷରେ ବିମାନଙ୍କ ନିକଟରେ ଭୋଗ ଲାଗି କରାଯିବା ପରେ ସେମାନଙ୍କୁ ବିଦାୟ ଦିଆଯାଇଥାଇଥିଲା । ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ମୁନସୀ ମେଲଣ ସମାପନ ହୋଇଛି ।

# ମାଥିଲି ସବଡିଭିଜନ ମେଡିକାଲରେ ଜଳ ସଙ୍କଟ

ମାଲକାନଗିର, ୦୭/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ସବ୍‌ଡିଭିଜନ ମେଡ଼ିକାଲ୍‌ରେ ଜଳ ସଂକଟ। ବର୍ଷ ବର୍ଷ ଧରି ଲାଗି ରହିଛି ପାନୀୟ ଜଳ ଅଭାବ। ବିଭାଗୀୟ ବାବୁ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କିଛି ପୂରଣ ହେଉନି। ମାଲକାନଗିରି ଜିଲ୍ଲା ମାଥିଲି ସଦରରେ ଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଛି ପାଣି ସମସ୍ୟା ନା ଟୋପେ ପିଇବା ପାଣି ମିଳୁଛି। ନା ଶୌଚାଳୟରେ ପାଣିର ବ୍ୟବସ୍ଥା ଅଛି। ଚିକିତ୍ସା ପାଇଁ ଆସି ହଇରାଣ ହେଉଛନ୍ତି ରୋଗୀ। ବିକଳ୍ପ ବ୍ୟବସ୍ଥା ନଥିବାରୁ ମାଥିଲି ସବ୍‌ଡିଭିଜନ ସମ୍ମୁଖରେ ଥିବା ହାତଧୁଆ ବେସିନରୁ ପିଇବା ପାଣି ଠାରୁ ଆରମ୍ଭ କରି ଶୌଚାଳୟ ପାଇଁ ପାଣି ସଂଗ୍ରହ କରିବାକୁ ପଡୁଛି। ଦେହ ଭଲ କରିବାକୁ ଆସି ରୋଗ କିଣିନେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମାଥିଲି ସମେତ ଖଇରପୁଟ ଓ କୁଡୁମୁଲୁଗୁମ୍ମା ଅଂଚଳର ହଜାର ହଜାର ଲୋକଙ୍କ ଭରସା ଉପଖଣ୍ଡ ଚିକିତ୍ସାଳୟ। କିନ୍ତୁ ପାନୀୟ ଜଳ ସମସ୍ୟା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିରୋନାମା ପାଲଟିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଷ ଓ ମହିଳା ଶୌଚାଳୟରେ ପାଣି ଆସୁନି। ଏନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଛି। ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ବି ଦେଇଛନ୍ତି। କିନ୍ତୁ ଜଳ ଓ ପରିମଳ ବିଭାଗର ଖାମଖିଆଲ ନୀତି ଯୋଗୁ ଆଜି ପାଣି ପାଇଁ ହନ୍ତସନ୍ତ ରୋଗୀ! ଯାହାକୁ ମାନିଛନ୍ତି ଖୋଦ ମାଥିଲି ଡାକ୍ତର। ଡାକ୍ତରଖାନା ଭଳି ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା କାହିଁକି ନାହିଁ? ସ୍ୱାସ୍ଥ୍ୟ ଭିତିଭୂମି ସଜାଡ଼ିବାକୁ ଆସୁଥିବା ଟଙ୍କା ଖର୍ଚ୍ଚ ହେଉଛି କେଉଁଠି? ଏପରି ସାଂଘାତିକ ଅବହେଳା ପାଇଁ ଦାୟୀ କିଏ? ପାନୀୟ ଜଳ ସଙ୍କଟର ଚିତ୍ର ଦେଖିଲା ପରେ ଲାଗୁଛି ସ୍ୱାସ୍ଥ୍ୟସେବା ନାଁ ସରକାର କହୁଥିବା ପ୍ରତ୍ୟେକଟି କଥା କେବଳ ଭାଷଣ ମାତ୍ର।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ: ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ, ୦୭/୩ (ନି.ପ୍ର): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଆଜି ଭଦ୍ରକ ଜିଲ୍ଲାର ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମଂଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ ପରେ ଦୀପ ପ୍ରଜ୍ୱଳନ କରାଯାଇ ଅନୁଷ୍ଠାନର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଉପସ୍ଥିତ ଥିଲେ। ୬/୦୩/୨୦୨୬ ରୁ ଆରମ୍ଭ ହୋଇଥିବା ଉକ୍ତ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ ଭାବରେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢୀ ,ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ଡ଼. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧାପକ ଡ଼. ରମେଶ ଚନ୍ଦ୍ର ମଲ୍ଲିକ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ମନୋରଂଜନ ପାଣିଗ୍ରାହୀ , ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ମହାଲେଖାପାଳ (ଇ.ଏ.), ଓଡିଶା, ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଯାପିତ

କେନ୍ଦୁଝର, ୦୭/୩ (ନି.ପ୍ର): ସ୍ଥାନୀୟ ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ମାର୍ଚ୍ଚ ୭ ତାରିଖ ରେ ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକରୀ ପଦକ୍ଷେପ ସ୍ୱରୂପ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପିଏମ୍ ଶ୍ରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କୁ ଭୂୟସୀ ପ୍ରଂଶସା କରିଥିଲେ।ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗ ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସତ୍ୟନାରାୟଣ ମହାନ୍ତ,ରୁଦ୍ର ନାରାୟଣ ସାମଲ,କେନ୍ଦୁଝର ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ ରାଉତ, ପଂଚ ସଖା ଶିକ୍ଷା ସେତୁର ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ,ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଆକାଂକ୍ଷୀ ମେଳା, ଟ୍ୟାଲେଂଟ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳା ରେ ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।ଏହି ଅବସରରେ ଛାୟା ସଂସଦ କାର୍ଯ୍ୟକ୍ରମ ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।ପିଏମ୍ ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ମାତ୍ରାରେ ଜନସାଧାରଣ ତଥା ଛାତ୍ର ଛାତ୍ରୀ ସମବେତ ହୋଇଥିଲେ। ଶିକ୍ଷୟିତ୍ରୀ ସମୟଶ୍ରୀ ଚାଟାର୍ଜୀ ମଂଚ ପରିଚାଳନା କରିଥିବା ବେଳେ ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବକୁ ସଫଳ କରାଇବାରେ ସମଗ୍ର ଶିକ୍ଷା କେନ୍ଦୁଝର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ରହିଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ନୂଆପଡ଼ା, ୦୭/୩ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକର ହାତିବନ୍ଧା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିଡ଼ିପିଓ ସିନାପାଲି ଉର୍ମିଳା ମହାପାତ୍ର, ତାଲୁକ ଆଇନ ସେବା ସମିତିର ସମ୍ମୁଖ କାର୍ଯ୍ୟାଳୟ ଓକିଲ ଗୁଣ ସାଗର ମେହେର, ହାତିବନ୍ଧା ଗ୍ରାମପଂଚାୟତର ପିଇଓ ଜୟନନ୍ଦ ମେହେର, ସିନାପାଲି ଅଧିବକ୍ତା ସଂଘର ଅନ୍ୟାନ୍ୟ ଓକିଲଗଣ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଚର୍ଚ୍ଚା କରିଥିଲେ । ସେ ମଧ୍ୟ ବାଲ୍ୟ ବିବାହ ଏକ ସାମାଜିକ କଳଙ୍କ ଏବଂ ଏହାକୁ ରୋକିବାକୁ ଓ ବାଲ୍ୟ ବିବାହମୁକ୍ତ ଭାରତ ଗଠନରେ ସହାୟକ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

# ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ: ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡା, ୦୭/୩ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ବୈଠକରେ ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହର ପ୍ରଗତି ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଷ୍ଟାମ୍ପ ଶୁଳ୍କ ଓ ପଞ୍ଜିକରଣ ଶୁଳ୍କ ମିଶି ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ମୋଟ୍ ୮ କୋଟି ୬୫ ଲକ୍ଷ ୩ ହଜାର ୧୪୬ ଟଙ୍କା ଆଦାୟ ହୋଇଛି, ଯାହା ବାର୍ଷିକ ଲକ୍ଷ୍ୟର ୧୧୫ ପ୍ରତିଶତ ଅଟେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଫେବୃଆରୀ ମାସରେ ୧ କୋଟି ୫୪ ଲକ୍ଷ ୨୦ ହଜାର ୫୬ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବାବେଳେ, ଫେବୃଆରୀ ଶେଷ ପର୍ଯ୍ୟନ୍ତ ସମୁଦାୟ ସଂଗ୍ରହ ୧୩ କୋଟି ୮୮ ଲକ୍ଷ ୨୮ ହଜାର ୬୯୧ ଟଙ୍କାରେ ପହଂଚିଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୪.୪ ପ୍ରତିଶତ ବୃଦ୍ଧି ହୋଇଛି। ଅବକାରୀ ବିଭାଗ ଦ୍ୱାରା ଫେବୃଆରୀ ପର୍ଯ୍ୟନ୍ତ ୧୭ କୋଟି ୪୯ ଲକ୍ଷ ୨୨ ହଜାର ୬୫୫ ଟଙ୍କା ସଂଗ୍ରହ ହୋଇଥିବାବେଳେ ଏହା ବାର୍ଷିକ ଲକ୍ଷ୍ୟର ପ୍ରାୟ ୫୮ ପ୍ରତିଶତ ପୂରଣ ହୋଇଛି। ମାଇନିଂ ବିଭାଗ ପକ୍ଷରୁ ଅପ୍ରେଲ ୨୦୨୫ ଠାରୁ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ମୋଟ୍ ୧ କୋଟି ୮୬ ଲକ୍ଷ ୬୦ ହଜାର ୪୯୩ ଟଙ୍କା ମାଇନିଂ ରାଜସ୍ୱ ସଂଗ୍ରହ ହୋଇଛି ।ସିଟି ଓ ଜିଏସଟି ବିଭାଗରେ ଏହି ସମୟ ମଧ୍ୟରେ ସଂଗ୍ରହ ୧୮୯୧.୬୧ ଲକ୍ଷ ଟଙ୍କା ହୋଇଥିବାବେଳେ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ କମ୍ ହୋଇଛି ।ରାଜସ୍ୱ ସଂଗ୍ରହର ସମୀକ୍ଷା କରି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ଲକ୍ଷ୍ୟ ପୁରଣ ହୋଇ ନଥିବା କ୍ଷେତ୍ରରେ ଯଥୋଚିତ ରଣନୀତି ଦ୍ୱାରା ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅବୈଧ ଖଣିଜ ଉତୋଳନ ଓ ରାଜସ୍ୱ ହାନି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କଡ଼ା ଏନଫୋର୍ସମେଂଟ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ କହିଥିଲେ। ବୈଠକରେ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ନିଜ ନିଜ ବିଭାଗର ରାଜସ୍ୱ ସଂଗ୍ରହ ଓ କାର୍ଯ୍ୟକ୍ରମର ପ୍ରଗତି ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା କୋମନା ବ୍ଲକ କୁରୁମପୁରୀ ଗ୍ରାମର କୈଳାଶ ରାଉତଙ୍କୁ ରାଜସ୍ୱ ମିତ୍ର ପୁରସ୍କାରରେ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

# ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସଂପର୍କ ପକ୍ଷରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଶୁଳ୍କ ଚିକିତ୍ସା ଶିବିର

ପୁରୀ, ୦୭/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ପାରମ୍ପରିକ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ପକ୍ଷରୁ ଏକ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରସୂତି ତନ୍ତ୍ର ଓ ସ୍ତ୍ରୀରୋଗ ବିଭାଗର ସହଯୋଗରେ ଆୟୋଜିତ ଏହି ଶିବିରରେ ମହିଳାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା ସ୍ତ୍ରୀରୋଗ, ସନ୍ଧି ଓ ସ୍ନାୟୁ ଯନ୍ତ୍ରଣା, ତ୍ୱଚା ସମସ୍ୟା, ପାଚନ ତନ୍ତ୍ର ସମସ୍ୟା, ରକ୍ତଚାପ ଓ ମଧୁମେହ ସମେତ ବିଭିନ୍ନ ରୋଗ ପାଇଁ ଆୟୁର୍ବେଦିକ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଥିଲା। ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ପ୍ରଫେସର ସୁଦେଷ୍ଣା ମେହେର ,ଡା. ମନ୍ଶିଯୁଶ୍ରୀ ସାହୁ, ଡା. ଜସ୍ମିତା ପ୍ରିୟଦର୍ଶିନୀ ଓ ଡା. ଶିବାନୀ ଦାସ ଯୋଗଦେଇ ରୋଗୀମାନଙ୍କର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। ଶିବିରରେ ସ୍ଥାନୀୟ ଅଂଚଳର ୧୫୦ରୁ ଅଧିକ ମହିଳା ଉପକୃତ ହୋଇଥିଲେ । ଏହି ଅବସରରେ ସମ୍ପର୍କ ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ ଯେ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପ୍ରତି ଲୋକମାନଙ୍କର ଆସ୍ଥା ବଢ଼ାଇବା ପାଇଁ ସମ୍ପର୍କ ପକ୍ଷରୁ ସମୟୋପଯୋଗୀ ଭାବରେ ଏପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଲୋକମାନଙ୍କୁ ସହଜ ଓ ସୁଲଭ ଭାବରେ ଚିକିତ୍ସା ସେବା ପହଞ୍ଚାଇବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଭାରତର ପ୍ରାଚୀନ ଓ ପ୍ରମାଣିତ ଚିକିତ୍ସା ପଦ୍ଧତି ଭାବେ ଆଜିମଧ୍ୟ ଲୋକମାନଙ୍କ ମଧ୍ୟରେ ବହୁତ ପ୍ରସଙ୍ଗିକ ବୋଲି ଉଲ୍ଲେଖ କରିଥିଲେ। ଏପରି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସାଧାରଣ ଲୋକମାନେ ଆୟୁର୍ବେଦିକ ଚିକିତ୍ସା ସେବାର ଲାଭ ଉଠାଇପାରୁଥିବା ସହ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଉଥିବା କଥା ସେ କହିଥିଲେ। ଶିବିରର ଉଦଘାଟକ ଭାବେ ସିଡିପିଓ ବିନୋଦିନୀ ତ୍ରିପାଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଜାଲିନ ମିଶ୍ର ,ରଞ୍ଜିତା ପାଢ଼ୀ, ସରକାରୀ ଅଧିବକ୍ତା ସ୍ୱଦେଶ୍ନା ପଣ୍ଡା, ଓ ଡା. ସୋନାଲିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରର ସଫଳ ଆୟୋଜନରେ ସମ୍ପର୍କ ସଂଗଠନର ଶୁଭ ପ୍ରସାଦ ଶର୍ମା, କୁନା ବାରିକ, ଡା. ସ୍ୱେତାଞ୍ଜଳି ବେହେରା,ଡା. ସ୍ୱେତପ୍ରଭା ପଣ୍ଡା, ଡା. ଦୀପ୍ତିମୟୀ ନାୟକ, ଡା. ଶ୍ରୁତି ସୁଧାକର ବାଗୁଲ, ଡା. ଯୁଗ୍ମଜ୍ୟୋତି ରାୟ ଡା. ସୋନାଲି ପ୍ରଧାନ, ଡା. ଶୁଭସ୍ମିତା ତ୍ରିପାଠୀ, ଡା. ରାକେଶ ମିଶ୍ର ଓ ନନ୍ଦିଘୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡା, ୦୭/୩ (ନି.ପ୍ର): ନୂଆପଡା ଜିଲ୍ଲାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସାଗର ଡିସିପିୟୁ ଦ୍ୱାରା ଶିଶୁମାନଙ୍କ ସୁରକ୍ଷା, ଉଦ୍ଧାର, ପୁନର୍ବାସ ଓ ଆଇନଗତ ସହାୟତା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୀକ୍ଷାରୁ ଜଣାପଡିଲା ଯେ, ଫେରନ୍ତା ପ୍ରବାସୀ ଶ୍ରମିକ ପରିବାରକୁ ଚିହ୍ନଟ କରାଯାଇ ୧୧ ଜଣ ଏକକ ମାଆଙ୍କୁ ଜୀବିକା ସହାୟତା ବାବଦରେ ୪ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଜିଲ୍ଲାରେ ଅନାଥ ଶିଶୁ ସର୍ଭେ କରାଯାଇ ପାଂଚ ଜଣ କନ୍ୟାଶିଶୁଙ୍କୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଭର୍ତି କରାଯାଇଛି। ବର୍ତମାନ, ଜିଲ୍ଲାରେ ୪୦୪ ଜଣ ଅନାଥ ଶିଶୁ ଓ ୬୮୩୫ ଜଣ ଏକକ ବାପା/ମାଆ ଅଛନ୍ତି। ସମସ୍ତଙ୍କୁ ଶିଶୁ ସୁରକ୍ଷା କମିଟି (ସିବ୍ଲୁସି) ସମ୍ମୁଖରେ ଉପସ୍ଥାପନ କରି ତାଙ୍କର ସମସ୍ୟା ଶୁଣାଯିବ। ଏହାସହ ଜିଲ୍ଲାରେ ଦୁଇଟି ଶିଶୁଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଖୁସି ବ୍ୟକ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ଓ ସୁଭଦ୍ରା ଯୋଜନାର ମିଳିତ କାର୍ଯ୍ୟକ୍ରମ



ବାଲେଶ୍ୱର, ୦୮/୩ (ନି.ପ୍ର): ଆଜି ସକାଳ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ପାଳନ କରଯାଇଥିଲା। ତତ୍ ସଙ୍ଗେ ସଙ୍ଗେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ପୁରୀ ରୁ ଭର୍ଚୁଆଲ ମୋଡ୍ ରେ ଯୋଡ଼ି ଥିଲେ। ଏବଂ ତାଙ୍କ ନିର୍ଦ୍ଦେଶ ରେ ଡି ବି ଟି ମାଧ୍ୟମରେ ଅର୍ଥରାଶି ହିତାଧିକାରୀଙ୍କ ଆକାଉଣ୍ଟ ରେ ଡିପୋଜିଟ୍ ହୋଇଥିଲା ଆଜିକାର ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଧୂପ, ଦ୍ୱୀପ ପ୍ରଜ୍ୱଳନ କଳାପରେ ସଭା କାର୍ଯ୍ୟଟି ଆରମ୍ଭ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଏଠାରେ ମାନ୍ୟବର ସରକାରୀ ଦଳର ଉପ ମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡିଏସପି ଶ୍ରୀମତୀ ନିବେଦିତା ସୋରେନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ନୀର୍ଲିପ୍ତା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା ପ୍ରମୁଖ ମଞ୍ଚାସ୍ୱିନ ଥିଲେ । ନାରୀ ହେଉଛନ୍ତି ସୃଷ୍ଟିର ଆଧାର। ଜନ୍ମ ଦେବାରୁ ଆରମ୍ଭ କରି ସମାଜ ଗଠନ ପର୍ଯ୍ୟନ୍ତ ସେମାନଙ୍କର ଅବଦାନ ଅସୀମ । ସେମାନଙ୍କୁ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ସୁରକ୍ଷା ଦିଗରେ ସଶକ୍ତିକରଣ କରିବା ହେଉଛି ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ । ଆଜି ଆମେ ଗର୍ବ ସହିତ କହିପାରିବା ଯେ ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣ କରୁଛନ୍ତି। ଶିକ୍ଷା, ବିଜ୍ଞାନ, ରାଜନୀତି, ଖେଳ, ଅନ୍ତରିକ୍ଷ ଅନୁସନ୍ଧାନ, ସେନା, ବ୍ୟବସାୟ—ସମସ୍ତ କ୍ଷେତ୍ରରେ ନାରୀମାନେ ଅପୂର୍ବ ସଫଳତା ଲାଭ କରୁଛନ୍ତି। ଏହିପରି ଅନେକ ଗୁଣାତ୍ମକ ମାନର କଥା ଗୁଡ଼ିକ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ । ଏହା ପରେ ପରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ପୁରୀ ରୁ ଭର୍ଚୁଆଲ ମୋଡ୍ ରେ ଯୋଡ଼ି ଥିଲେ ଏବଂ ତାଙ୍କ ନିର୍ଦ୍ଦେଶ ରେ ଡି ବି ଟି ମାଧ୍ୟମରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତିର ଅର୍ଥରାଶି ହିତାଧିକାରୀଙ୍କ ଆକାଉଣ୍ଟ ରେ ଡିପୋଜିଟ୍ ହୋଇଥିଲ। । ମୁଖ୍ୟମନ୍ତ୍ରୀ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ସୁଭଦ୍ରା ଯୋଜନାର ପ୍ରତ୍ୟେକ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ୫୦୦୦ ଟଙ୍କା ଲେଖାଏଁ ମୋଟ ୫,୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କା ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଓଗ ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ସୁଭଦ୍ରା ସମୀକ୍ଷା ରିପୋର୍ଟ ଉନ୍ମୋଚନ କଲେ । ସୁଭଦ୍ରା ମା ମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ବିକଶିତ , ସମୃଦ୍ଧ ଓଡିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତ ପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କହିଛନ୍ତି । ଉପସ୍ଥିତ ସୁଭଦ୍ରା ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ କରିବାରେ ଆମର ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ ପରିଚୟ ଦେଇଛି । ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳା ମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି । ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ । ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିବ । ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସେ ପୁଣି କହିଥିଲେ ଯେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ଆମ ସରକାର ଆରମ୍ଭ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଯୁଦ୍ଧ ଗ୍ରସ୍ତ କତାରରେ...

ହେଲେ ଆଉ ସକାଳୁ ଉଠିନଥିଲେ । ଯୁଦ୍ଧ ଯୋଗୁଁ ଭୟରେ ଥିବାରୁ ଅକାଳରେ କୁନାଙ୍କ ଜୀବନ ଚାଲିଯାଇଥିବା ଆଶଙ୍କା କରାଯାଉଛି । ରାଜ୍ୟରେ ସର୍ବାଧିକ ଦାଦନ ମୃତ୍ୟୁ ଗଞ୍ଜାମରେ। ୫ବର୍ଷରେ ଘରକୁ ଫେରିନି ୪୬ ଶବ । ପରଦେଶରେ ଯିବ ଆଉ କେତେ ଜୀବନ? ଖଲ୍ଲିକୋଟ, ପୁରୁଷୋତ୍ତମପୁର, ପୋଲସରାଠାରୁ ନେଇ କବିସୂର୍ଯ୍ୟନଗର, ଭଞ୍ଜନଗର, ଗଞ୍ଜାମ, ଛତ୍ରପୁର ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଦାଦନ ସମସ୍ୟା ମୁଣ୍ଡ ଟେକିଛି । ଶିଳ୍ପବିହୀନ ଜିଲ୍ଲାରେ ହାତ ପାହାନ୍ତାରେ କାମ ନଥିବାରୁ ଲୋକେ ପର ରାଇଜଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି। ଦାଦନ ଖଟୁ ଖଟୁ ଜୀବନ ଯାଉଛି । ୨୦୨୧ରୁ ୨୦୨୫ ଭିତରେ ଗଞ୍ଜାମ ଜିଲ୍ଲାରେ ୮୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସରକାରୀ ତଥ୍ୟ କହୁଛି, ଗତ ୩ ବର୍ଷରେ ଗଞ୍ଜାମର ୭୦୩୫୮ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି । ହେଲେ ବାସ୍ତବରେ ଏହିସଂଖ୍ୟା ୧୫ ହଜାରରୁ ବି ଅଧିକ ।

### ଆଜିଠାରୁ ସଂସଦରେ ...

ସଂସଦୀୟ ମଞ୍ଚର ବ୍ୟବହାର କରିବ। ତେବେ ବିଜେପି ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଆକ୍ରାମକ ହୋଇଛି। ତୃଣମୂଳ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିବାବେଳେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏହାର ଜବାବ ଦେଇଛନ୍ତି। କେନ୍ଦ୍ର ସରକାର କଂଗ୍ରେସ ବିଶେଷକରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯୋଜନାରେ ରହିଛି। ଅନ୍ୟପକ୍ଷରେ ବିରୋଧୀ ଦଳ ପଶ୍ଚିମ ଏସିଆ ସ୍ଥିତି, ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ, ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାର ନିନ୍ଦା କରିବାରେ ବିଳମ୍ବ, ଏଲ୍‌ପିଜି ଦର ବୃଦ୍ଧି ନେଇ ସରକାରଙ୍କ ବିରୋଧ ଆକ୍ରମଣ ଶାଣିତ କରିବାକୁ ସୋମବାର ବୈଠକ ଡାକିଛନ୍ତି। ତେବେ ଏହି ଅଧିବେଶନରେ ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିବାକୁ ଥିବା ପ୍ରସ୍ତାବ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରହିଛି। ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ଦଳ ନେତାଙ୍କୁ ସଂସଦରେ କହିବାକୁ ନଦେବା, ସାଂସଦଙ୍କୁ ନିଲମ୍ବନ କରିବା, ମହିଳା ସାଂସଦ ମୋଦୀଙ୍କୁ ଆକ୍ରମଣ କରିବା ଅଭିଯୋଗ ଓ ସରକାରଙ୍କ ସବୁ କଥାରେ ସମର୍ଥନ କରିବାକୁ ନେଇ ବିର୍ଲାଙ୍କ ବିରୋଧରେ ବିରୋଧୀ ପ୍ରସ୍ତାବ ଆଣିବେ। ଗତ ଫେବୃଆରି ୧୦ ତାରିଖରେ ବିରୋଧୀ ଏନେଇ ନୋଟିସ ଦେବାପରଠାରୁ ବିର୍ଲା ଲୋକସଭାରେ ଅଧ୍ୟକ୍ଷତା କରିବାରୁ ନିଜକୁ ଦୂରେଇ ରଖିଛନ୍ତି। ଅପରପକ୍ଷେ ଜାନୁଆରି ୨୮ରେ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ପ୍ରଥମ ଚରଣ ଫେବୃଆରି ୧୩ ତାରିଖରେ ଶେଷ ହୋଇଥିଲା।

### ଯୁବ ବିକାଶ ଫାଉଣ୍ଡେସନ...

ସସ୍ମିତା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ସ୍ତରର ମହିଳା ମାନଙ୍କର ସଂଘର୍ଷ, ସଫଳତା ଏବଂ ସମାଜ ପ୍ରତି ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ସଙ୍ଗେସଙ୍ଗେ ଆତ୍ମନିର୍ଭରଶୀଳ,ସ୍ୱାବଲମ୍ବୀ ହେବାକୁ ଉପସ୍ଥିତ ଅତିଥିମାନେ ପ୍ରେତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବ ବିକାଶର ପ୍ରଶାନ୍ତ କୁମାର ପଟେଲ ଏବଂ ଅସିତ କୁମାର ଦଳାଇ, ସୁବାସ ଖୁଣ୍ଟିଆ, ପରେଶ କୁମାର କର, ଭାଗ୍ୟଲକ୍ଷ୍ମୀ ରାଉତ, ବିନତି ପରିଡା, ରାଖାଲ ମାଇତି, ଚୁମକି ମାଝୀ, ଶୁଭସ୍ମିତା ମହାନ୍ତି, ଦିନବନ୍ଧୁ ରାଉତ, ପ୍ରିୟଦର୍ଶିନୀ ଦାସ, ଯାଜ୍ଞସିନୀ, ସଖୀ ଟ୍ରେନର ଏବଂ ଏମ୍ବ୍ରୋଡ଼ରୀ ଟ୍ରେନର ପରିଚାଳନା କରିଥିଲେ ।

### ପରବର୍ତ୍ତୀ ସର୍ବୋଚ୍ଚ...

ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ, ଆୟାତୋଲ୍ଲା ଅଲିରେଜା ଆରାଫି, ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ ଓ ମୁଖ୍ୟ ବିଚାରପତି ଘୋଲାମ ହୋସେନ ମୋହସେନି ଏଜେ''ଇଙ୍କୁ ନେଇ ଗଠିତ ତିନି ସଦସ୍ୟ ବିଶିଷ୍ଟ ପରିଷଦ ବର୍ତ୍ତମାନ ଦେଶର ଶାସନ ସହିତ ଜଡିତ ପ୍ରମୁଖ ନିଷ୍ପତ୍ତି ନେଉଛି।

# ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଯୋଗ ଓ ପଦଯାତ୍ରା ରାଲି

ଖୋର୍ଦ୍ଧା , ୦୮/୩ (ନି.ପ୍ର): ଆଜି ସକାଳ ୬ ଘଟିକାରୁ ଜିଲ୍ଲା ସଦର ମହକୁମାସ୍ଥ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ରାଜ୍ୟ କ୍ରୀଡା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଆନ୍ତର୍ଜାତିୟ ମହିଳା ଦିବସ ଉପଲକ୍ଷେ ଯୋଗ ଏବଂ ପଦଯାତ୍ରା ରାଲି ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମୁଚିତା ମଲ୍ଲିକ,ବି ଡି ଓ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ଡେପୁଟୀ କଲେକ୍ଟର ସୁଶ୍ରୀ ସ୍ୱିଟି ସୋରେନ, ଶିଳ୍ପ ଦ୍ୟୋଗୀ ସୁମୋନା ଗୁହା ରାୟ, ଜିଲ୍ଲା ଯୋଗ ସମିତି ସଭାପତି ଶ୍ରୀମତୀ ସୁଜାତା ମିଶ୍ର ଯୋଗ ଦେଇଥିଲେ । ଜିଲାକ୍ରିଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଓ ସଭା ପତିତ୍ୱରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ଦୈନନ୍ଦିନ ଜୀବନରେ ମହିଳା ମାନଙ୍କ ପାଇଁ ଯୋଗର ବହୁଳ ଆବଶ୍ୟକତା ଅଛି । ଯୋଗ ଶରୀରକୁ ରୋଗ ମୁକ୍ତ କରିବାସହ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଇଥାଏ । ସେହିପରି ନିଶା ନିବାରଣଠୁ ନେଇ ମହିଳା ସଶକ୍ତି କରଣ ଦିଗରେ କାର୍ଯ୍ୟ କରିଥାଏ । ଯୋଗ କରିବା ଦ୍ୱାରା ଶରୀର ସୁସ୍ଥ ଓ ସୁଦ୍ଧତା ବାଜାୟ ରହି ମୋକ୍ଷ ପ୍ରାପ୍ତିର ମାର୍ଗ ସୁଗମ କରିଥାଏ । ସମ୍ମାନିତ ଅତିଥି ବୃନ୍ଦ ଏହି ଅବସରରେ ନିଜ ବକ୍ତବ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ର ଉଦେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଯୋଗ ସମିତି ସଭାପତି ସୁଜାତା ମିଶ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ପ୍ରାୟ ୫୫୦ ମହିଳା ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ଏବଂ ୧୦୦ ଜଣ ଯୋଗ ପ୍ରେମୀ ପୁରୁଷ ଓ ଛାତ୍ର, କ୍ରୀଡାବିତ୍, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥଲେ । ରାଲିକୁ ପତାକା ଦେଖାଇ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଷ୍ଟାଡିୟମ୍ ପରିସରରେ ଶୁଭାରମ୍ଭ କରିଥିଲେ । ଏହି ରାଲି ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ଅତିକ୍ରମ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ପୁନର୍ବାର ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚି ଥିଲା । ଦିବସ ଅବସରରେ ଶିଳ୍ପ ପତି ତଥା ଶିଳ୍ପୋଦ୍ୟୋଗୀ ଶ୍ରୀମତୀ ସୁମୋନା ଗୁହା ରାୟଙ୍କୁ ଉତ୍ତରୀୟ ଚାରାକୁଣ୍ଡ ଓ ମାନପତ୍ର ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଦିବସରେ ଅନ୍ୟ ମାନଙ୍କ ମଧ୍ୟରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ ।

# ଉତ୍କଳ ମହିଳା ସମିତି ପକ୍ଷରୁ ଆନ୍ତର୍ଯାତିକ ମହିଳା ଦିବସ ପାଳିତ

ବାଲେଶ୍ୱର, ୦୮/୩ (ନି.ପ୍ର): ଆନ୍ତର୍ଯାତିକ ମହିଳା ଦିବସ ଅବସରରେ 'ଉତ୍କଳ ମହିଳା ସମିତି'ର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ 'ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ଓ ଆମ ଦେଶର ମହିଳାମାନଙ୍କ ଉପରେ ଏହାର ପ୍ରଭାବ' ଶୀର୍ଷକରେ ଏକ ଆଲୋଚନାଚକ୍ର ଉଠାଜଳ ସେଚନ କର୍ମଚାରୀ ଭବନରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ମହିଳା ସମିତି ସଭାନେତ୍ରୀ ବନ୍ଦନା ବିଶ୍ୱାସ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଗୌରୀରାଣୀ ଉପାଧ୍ୟାୟ, ପ୍ରଜ୍ଞା ପାରମିତା ବିଶ୍ୱାଳ, ଉର୍ମିଳା ମାଝୀ, ସିପିଆଇ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଓ କୃଷକନେତା ତ୍ରୈଲୋଚନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିଣାମ ସ୍ୱରୂପ ଭାରତବର୍ଷରେ ଜାଳେଣି ଗ୍ୟାସର ଦରବୃଦ୍ଧି ଘଟିବା ଫଳରେ ଗୃହିଣୀମାନେ ଅର୍ଥନୈତିକ ଚାପର ସମ୍ମୁଖୀନ ହୋଇଥିବାର ଦୃଷ୍ଟାନ୍ତ ଦେଇଥିଲେ। ପୁନଶ୍ଚ ପେଟ୍ରୋଲ୍ ଓ ଡିଜେଲର ଦରବୃଦ୍ଧି ଘଟିଲେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି ଘଟିବାର ଆଶଙ୍କା ରହିଛି। ଦରବୃଦ୍ଧି ହେଲେ ବିଶେଷ ଭାବେ ମହିଳାମାନେ ପରିବାର ପରିଚାଳନାରେ ଆର୍ଥିକ ଚାପର ସମ୍ମୁଖୀନ ହୁଅନ୍ତି ବୋଲି ବକ୍ତାମାନେ କହିଥିଲେ।
ମୁଖ୍ୟଅତିଥି ଭାବେ ରାଜ୍ୟ କମିଟିର ବରିଷ୍ଠ ଉପଦେଷ୍ଟା ବନଲତା ଜେନା କହିଲେ ଯେ, କୌଣସି ଦେଶର ସାଧାରଣ ନାଗରିକ ଯୁଦ୍ଧ ଚାହେଁନାହିଁ। କେବଳ ସାମ୍ରାଜ୍ୟବାଦୀ ଓ ଅହଂକାରୀ ଶାସକମାନେ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରାନ୍ତି।

# ଜନଜାଗୃତି ମଂଚ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଉଦଳା, ୦୮/୩ (ନି.ପ୍ର): ମୟୂରଭଂଜରେ କାର୍ଯ୍ୟରତ ଲୋକସଂଗଠନ ଜନଜାଗୃତି ମଂଚର ନେତୃତ୍ୱରେ ଓଡ଼ିଶା ଶ୍ରମଜୀବି ମଂଚ ଏବଂ ମହିଳା ଶ୍ରମଜୀବି ମଂଚ ଓଡ଼ିଶାର ସହଯୋଗରେ ଜିଲ୍ଲାର ୨ଟି ସ୍ଥାନରେ ଆଜି ମାର୍ଚ୍ଚ ୮ ତାରିଖ ରବିବାର ଦିନ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇ ଯାଇଛି । କପ୍ତିପଦା ବ୍ଲକର କୋଲିଅଳମ ପଂଚାୟତ ଅନ୍ତର୍ଗତ ନଛିପୁର ଗ୍ରାମଠାରେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଆଠପଡ଼ା ଗ୍ରାମଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାର ଖବର ଜନଜାଗୃତିମଂଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ନଛିପୁର ଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ଉର୍ମି ଲିଡ଼ର ମୋନାଲି ମୁର୍ମୁ ନେତୃତ୍ୱ ନେଇଥିବା ବେଳେ ଅବନ୍ତି ବେହେରା, ରାମାୟ ମୁର୍ମୁ, ହରିପ୍ରିୟା ଦାସ, କୈଳାସ ନାୟକ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଆଠପଡ଼ା ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନାରେ ଉର୍ମି ଲିଡ଼ର ମମତା ଟୁଡୁ, ସାଉଁରି ମୁର୍ମୁ, ସସ୍ମିତା ମଢ଼େଇ ଓ ମଂଜୁଲତା ବାରିକ ନେତୃତ୍ୱ ନେଇଥିଲେ । ପ୍ରାରମ୍ଭରେ ମହିଳା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା । ସେଥିମଧ୍ୟରୁ 'ବିଟୁ' ଖେଳର ମାହୋଲ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏହାପରେ ସାଧାରଣ ସଭା ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମଂଚର ଜିଲ୍ଲା ସଭାପତି ରାଇମଣି ବାସ୍କେ ଓ ସଂପାଦିକା ସୁକାନ୍ତି ମଢ଼େଇ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇ ବହୁସଂଖ୍ୟାରେ ମହିଳା ଆଜିର ଉତ୍ସବକୁ ସଫଳ କରିବା ପାଇଁ ଉପସ୍ଥିତ ରହି ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ମଂଚର ସଦସ୍ୟ ଆରତୀ, ଭାରତୀ, ରାମ, ରୁପାଏ, ଅଭିଲିପ୍ସା, କାରୁକର, ରବି, ସୁଦର୍ଶନ ଓ ସୁବ୍ରତ ପ୍ରମୁଖ ସହଯୋଗ କରିଥିଲେ । ମହିଳା ମାନଙ୍କୁ ସ୍ୱାଧିନ ଓ ସମ୍ମାନର ସହ ଜୀବନ ବଂଚିବା ପାଇଁ ସବୁ ପ୍ରକାର ସୁଯୋଗ ସୃଷ୍ଟି କରିବା ସକାଶେ ନିଜ ନିଜ ସ୍ତରରେ ଉଦ୍ୟମ କରିବା ପାଇଁ ସମ୍ମତି ପ୍ରଦାନ କରି ଆଜି ଉତ୍ସବର ଯବନିକା ପକାଇଥିଲେ ।

# ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ



ବାଲେଶ୍ୱର , ୦୮/୩ (ନି.ପ୍ର): ସଦର ବ୍ଲକ, ଗେଙ୍ଗୁଟି ଗ୍ରାମପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀଙ୍କୁ ନେଇ ଗଢ଼ା ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅପରାହ୍ନ ୫. ୩୦ ଘଟିକାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ନବକୃଷ୍ଣ ଆଚାର୍ଯ୍ୟ, ଶିକ୍ଷାବିତ ସାବିତ୍ରୀରାଣୀ ଦାସ ନବ କୁମାର ନାୟକ, ସାମାଜିକ କର୍ମୀ ଭବେଶ କୁମାର ନାୟକ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ କବି ସୁଧାକର ସେଠୀ ସଂଯୋଜନା କରିଥିଲେ। ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସାବିତ୍ରୀ ରାଣୀ ଦାସଙ୍କୁ ଅଞ୍ଚଳର ଶ୍ରେଷ୍ଠ ମହିଳା ସମ୍ମାନ ପରିଷଦ ତରଫରୁ ପ୍ରଦାନ କରାଯାଇଥିଲା। ପରିଷଦର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ନରହରିପୁର ଧାନମଣ୍ଡିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ



ରେମୁଣା, ୦୮/୩ (ନି.ପ୍ର): ରେମୁଣା ଏନଏସି ଅନ୍ତର୍ଗତ ନରହରିପୁର ଧାନମଣ୍ଡିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୬୪.୬୫ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ଏହି ଧାନମଣ୍ଡିର ଭିତ୍ତିପ୍ରସ୍ତର ରଖିଥିଲେ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ । ଏଭଳି ଧାନମଣ୍ଡି ଚାଷୀଙ୍କ ଉପକାରରେ ଲାଗିପାରିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଏହି ଅବସରରେ କାଉନସିଲର ହେମବତୀ ବେହେରା, ନରହରିପୁର ସେବା ସମବାୟ ସମିତି ସମ୍ପାଦକ ଚନ୍ଦନ ଶିବରାମ ପଣ୍ଡା, ସାଂସଦଙ୍କ ପ୍ରତିନିଧି ମହେଶ୍ୱର ପ୍ରଧାନ, ଦଳର ଏନଏସି ସଭାପତି ମାୟାଧର ପ୍ରଧାନ, ଉପସଭାପତି ଆଇନଜୀବୀ ସରୋଜ କୁମାର ବେହେରା, ଅନନ୍ତ ସାହୁ, ଏନଏସି ମଣ୍ଡଳ ସାଧାରଣ ସଭାପତି କାହ୍ନୁ ଚରଣ ବେହେରା, ଗୌର ଗୋପାଳ ସାହୁ, ଜୟନ୍ତ କୁମାର ପଣ୍ଡା, ଏନଏସି ମହିଳା ସଭାପତି ଚନ୍ଦ୍ରକାନ୍ତି ପ୍ରଧାନଙ୍କ ସମେତ ଝାନସି ପଣ୍ଡା, ଜୟନ୍ତୀ ପାତ୍ର, କନକଲତା ଦାସ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଜଗନ୍ନାଥ ୩୨ ବେଶ ଉଦ୍‌ଘାଟିତ

ଜଳେଶ୍ୱର, ୦୮/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନସ୍ଥ କୋଟସାହି ପଞ୍ଚାୟତର ସୁବର୍ଣ୍ଣରେଖା ନଦୀପଠା ରେ ଗତ କାଲି ସନ୍ଧ୍ୟାରେ ବହୁ ପ୍ରତିକ୍ଷିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀ ଶ୍ରୀ ଜଗନ୍ନାଥ ଙ୍କ ୩୨ ବେଶ ଉଦଘାଟିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି ମହୋତ୍ସବ ଓ ୩୨ ବେଶ କାର୍ଯ୍ୟକ୍ରମ କୁ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉଦଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ କହିଲେ ଏହି ମହୋତ୍ସବ ଓ ୩୨ ବେଶ କାର୍ଯ୍ୟକ୍ରମ ଅଞ୍ଚଳବାସୀ ମଧ୍ୟରେ ଭାଇଚାରା ଓ ଜଗନ୍ନାଥ ଚେତନା ସୃଷ୍ଟି କରିବ। ଉଦଘାଟନୀ ସମାରୋହରେ ସମାଜସେବୀ ବିଶ୍ୱନାଥ ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ ।ମହୋତ୍ସବ ମୁଖ୍ୟ ପୃଷ୍ଠପୋଷକ ତଥା ବିଜେପି ନେତା ବ୍ରଜମୋହନ ପ୍ରଧାନ ସ୍ୱାଗତ ଅଭିଭାଷଣ ସହ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୁବନେତା ଚନ୍ଦ୍ରବିନ୍ଦୁ ଦାଶ, ସ୍ଥାନୀୟ ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ନଛିମପୁର ସରପଞ୍ଚ ରାଜେଶ ଜେନା, ଯୁବନେତା ରାଜେଶ ଖଟୁଆ, ଅନୁପ କୁମାର ପ୍ରଧାନ, ସନ୍ଦୀପ କୁମାର ଜେନା, ଅନୀଲ କୁମାର ସାହୁ,ଶ୍ରୀକଣ୍ଠ ମାହାନ୍ତି, ଦେବଯାନୀ ଅଣ୍ଡିଆ, ପ୍ରବୀର କୁମାର ଦାସ, ତ୍ରିଲୋଚନ ଦାସ, ଭୂପତି ମିର୍ଦ୍ଧା, ତନ୍ମୟ ଚାନ୍ଦ, ମଧୁସୁଦନ ଦତ୍ତ, କାଉନସିଲର ଚନ୍ଦନ ଦାସ, ହରିଶ୍ଚନ୍ଦ୍ର ପରିଡ଼ା, ଶ୍ରୀହରି ବେହେରା,କାଳୀଚରଣ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ନେତା ସୁକୁମାର ମିଶ୍ର ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶେଷରେ ରାସ ବିହାରୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପୂର୍ବାହ୍ନ ରେ କଳସ ଯାତ୍ରା ସହ ଅପରାହ୍ନରେ ଶ୍ରୀ ଜଗନ୍ନାଥ ଆଜ୍ଞାମାଳ କୁ ନେଇ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆରଆରପୁର, କୋଟସାହି, ପାଇକସିଦା, ଗଡସାହି ବାଲିଆପାଳ, କାଦରାୟାଁ, ଚୁରମରା ପଞ୍ଚାୟତ ସମେତ ଜଳେଶ୍ୱର ର ବିଭିନ୍ନ ଅଞ୍ଚଳ ର ହଜାର ହଜାର ଲୋକେ ସାମିଲ ହୋଇଥିଲେ ।ସଭା ପରେ ଶ୍ରୀଚରଣ ଓ ମାନସୀ ପାତ୍ର ଙ୍କ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ବିଳମ୍ବିତ ରାତି ଯାଏଁ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୭ ତାରିଖ ଯାଏଁ ଏହି ମହୋତ୍ସବ ଓ ୩୨ ବେଶ ଚାଲିବ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଭଦ୍ରକ , ୦୮/୩ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରାପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ରହଣିଆ, (ଚରମ୍ପା) ଭଦ୍ରକ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ସଚିବ ଶ୍ରୀମତୀ ଶିବାନୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ ଦେଶର ପ୍ରଗତିରେ ନାରୀମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ନାରୀ ଓ ପୁରୁଷ ହେଉଛନ୍ତି ସମାଜର ଦୁଇଟି ମୁଖ୍ୟ ଅଙ୍ଗ, ଜଣଙ୍କ ବିନା ଅନ୍ୟ ଜଣଙ୍କ ସ୍ଥିତି ଅସମ୍ଭବ ଓ ସମାଜରେ ମହିଳାମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଉଚିତ ସମ୍ମାନ ଦେବା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ ଡ। ତାପସ କୁମାର ମହାନ୍ତି, ନେପାଳ ଚନ୍ଦ୍ର ଦାସ, ସଦସ୍ୟ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ, ଭଦ୍ରକଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ପରିଚାଳନା ରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କୁଲଡିହା ବନବିଭାଗର ସଚେତନତା ଗଣଦୌଡ

ନୀଳଗିରି , ୦୮/୩ (ନି.ପ୍ର): ଜଙ୍ଗଲକୁ ନିଆଁଦାଉରୁ ସୁରକ୍ଷାଦେବା ପାଇଁ ଏକ ସଚେତନତା ଗଣଦୌଡ଼ କାର୍ଯ୍ୟକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଗଣଦୌଡ଼ କଳାକାଦ ଛକଠାରୁ ଆରମ୍ଭହୋଇ କୁଳଡ଼ିହା ବାଲିଆନାଳ ଗେଟ୍ ପର୍ଯ୍ୟନ୍ତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିବାସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଦୀର୍ଘ ୧୦କିଲୋମିଟର ବ୍ୟାପି ଏହି ଗଣଦୌଡ଼ରେ ଶହେ ପାଖାପାଖି ଜନସାଧାରଣ ଓ କଲେଜଛାତ୍ର ଭାଗନେଇଥିବା ବେଳେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ସମସ୍ତ ଜନସାଧାରଣ ବାଲିଆନାଳ ଗେଟ୍ ଠାରେ ପହଞ୍ଚିବା ପରେ ଏକସଭାର ଆୟୋଜନ କରାଯାଇଥିଲା। ଏଥିରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବରହମପୁର ଆଇଆଇସି ପ୍ରେମଦା ନାୟକ, କୁଳଡ଼ିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ପ୍ରକାଶ ମର୍ଦ୍ଦରାଜ ଉପସ୍ଥିତରହି ଆଗାମୀ ଗ୍ରୀଷ୍ମଋତୁକୁ ଅଖିଆଗରେ ରଖି ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷାପ୍ରଦାନ କଲେ ଜୀବଜନ୍ତୁ ସୁରକ୍ଷା ସହ ପରିବେଶ ପ୍ରଦୂଷଣରୁ ମୁକ୍ତହୋଇ ଏକ ସୁସ୍ଥସମାଜ ଗଠନ ହୋଇପାରିବ ବୋଲି ଅଭିଭାଷଣ ରଖିଥିଲେ। ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା,୩ହଜାରଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଦୌଡ଼ରେ ସଦର ବ୍ଲକ୍ ପୁରୁଷୋତ୍ତମପୁର ଅଞ୍ଚଳର ସିଦ୍ଧାର୍ଥ ଗୌତମ ଜେନା ପ୍ରଥମ, ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଏବଂ ନୀଳଗିରି ଛୋଟକାନପୁର ଅଞ୍ଚଳର ସତ୍ୟପ୍ରକାଶ ସେଠୀ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।ତେବେ ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ କୁଳଡ଼ିହା ବନବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ହେଲଦି ଲାଇଫ୍‌ର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ବାଲେଶ୍ୱର, ୦୮/୩ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଏଣ୍ଡ ଯୋଗିକ ସାଇନସ ଚିଡ଼ିଆ ପୋଲ କଲେଜ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଓ ବିଶିଷ୍ଟ ସମାଜସେବୀ କବି ସତ୍ୟଭାମା ମୁଦୁଲି ଆଜିର ନାରୀ ଯେତେ ଆଧୁନିକ ହେଲେ ମଧ ସଂସ୍କୃତି ଭୁଲିବା ନାହିଁ ଓ ପରିବାରର ମୁଖ୍ୟ ଭାବେ ସମସ୍ତଙ୍କୁ ନେଇ ସୁନ୍ଦର ଭାବେ ବଞ୍ଚି ଶିଖିବା ଦରକାର। ଭାରତ ବର୍ଷର ଲକ୍ଷ୍ମୀବାଇ, ଝାନସୀ, ଦୁର୍ଗା, ସୀତା ଭାରତବର୍ଷର ପରିଚୟ । ଆମେ ସେମାନଙ୍କ ସହ ଏ ଯୁଗର ଇନ୍ଦିରା ଗାନ୍ଧୀ, ଦ୍ରୌପଦୀ ମୁର୍ମୁଙ୍କଠୁ ମଧ ଶିଖିବା ଦରକାର। ସମସ୍ତେ ଧୈର୍ଯ୍ୟଶୀଳ, ସାହସୀ ହେବା ଦରକାର। କନ୍ୟା ଭୃଣହତ୍ୟାକୁ ରୋକିବା ସହ ଧ୍ୟାନ ପ୍ରାଣାୟମ ଦ୍ୱାରା ଶ୍ରୀମାଙ୍କ ଭଳି ଶକ୍ତିଶାଳୀ ଚିନ୍ତାଧାରା ଆବଶ୍ୟକ ବୋଲି ଅତିଥିମାନଙ୍କ ସହ ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ମତ ଦେଇଥିଲେ । ନିର୍ଦ୍ଦେଶକ ଡ. ଚିତ୍ତରଂଜନ ସାହୁ, ଯୋଗ ଓ ପ୍ରାକୃତିକ ଚିକିତ୍ସା ମାଧମରେ ନିଜ ଶରୀରକୁ ନିରୋଗ ରଖି ଉଚ୍ଚ ଚିନ୍ତାଧାରାରେ ଦେଶ ଗଠନ ସହିତ ପରିବାରକୁ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଅଧ୍ୟାପିକା ଅନିତା ମିଶ୍ର ଧନ୍ୟବାଦ ଓ ଅଧ୍ୟାପିକା କାନ୍ତିକ୍ରିମନ୍ତା ଦାସ ମଞ୍ଚ ପରିଚାଳନା କରିଥିଲେ ।

# ରାଜଧାନୀରୁ ଡିପ୍ଲୋମା ଛାତ୍ର ନିଖୋଜ

ଭୁବନେଶ୍ୱର, ୦୮/୩ (ନି.ପ୍ର): ରାଜଧାନୀରୁ ଡିପ୍ଲୋମା ଛାତ୍ର ନିଖୋଜ । ଗତ ଦୁଇ ତାରିଖରୁ ନିଖୋଜ ଅଛନ୍ତି ଡିପ୍ଲୋମା ଛାତ୍ର ସୁନୀଲ ଦାସ । କଲେଜ ଯାଇ ଆଉ ଫେରିନଥିବା ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ । ନିଖୋଜ ଥିବା ଛାତ୍ରଙ୍କ ଘର ସାଲିଆ ସାହି ଜନତା ନଗର ଅଂଚଳରେ । କାନ୍ଦି କାନ୍ଦି ସୁନୀଲଙ୍କ ବାପା ମା ଆସି ପୁଅକୁ ଖୋଜି ଆଣିବାକୁ ଥାନା ଅଧିକାରୀଙ୍କୁ ଗୁହାରି କରିଛନ୍ତି ।

# ଜ୍ଞାନଶ୍ରୀ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ




ବାଲେଶ୍ୱର, ୦୮/୩ (ନି.ପ୍ର): ଅଗ୍ରଣୀ ସମାଜସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ -୨୦୨୬ ମୟୂରଭଞ୍ଜ ଜିଲ୍ଲାର କୃଷ୍ଣଚନ୍ଦ୍ରପୁର ସ୍ଥିତ ମୁଲୁଚାନ୍ଦ କାରିଗର ଉତ୍ପାଦକ ସଂଗଠନ ରେ ପାଳିତ ହୋଇଯାଇଛି । ସଂଗଠନ ର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଲୁଚାନ୍ଦ ର ସଭାପତି କୁନି ସିଂ, କୋଷାଧକ୍ଷା ନିଶାମଣି ନାଏକ, ଜ୍ଞାନଶ୍ରୀ ର ସଦସ୍ୟ ଜ୍ୟୋତି ପ୍ରକାଶ ପାଢ଼ୀ, ସଦସ୍ୟା ଜ୍ୟୋତି ପ୍ରଜ୍ଞା ଦାସ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ । ମୁଲୁଚାନ୍ଦ ରେ ପ୍ରଥମ ଥର ପାଇଁ ଜ୍ଞାନଶ୍ରୀ ର ପ୍ରଚେଷ୍ଟାରେ ଆନ୍ତର୍ଜାତିକ ଆୟୋଜିତ ହୋଇଥବା କାରଣରୁ ଉପସ୍ଥିତ ସମସ୍ତ ସଦସ୍ୟା କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ଦୁଇଶହ ଆଦିବାସୀ ମହିଳାଙ୍କୁ ନେଇ ସବାଇ ଘାସରେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ ତଥା ବିକ୍ରୟ ସହିତ ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ରେ ଅଂଶଗ୍ରହଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଭାପତି କୁନି ସିଂ ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଜ୍ଞାନଶ୍ରୀ ଏବଂ ମୁଲୁଚାନ୍ଦ ର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିବା ବେଳେ ସଦସ୍ୟା ସମବାରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦାରେ ପ୍ରତୀକ ଅର୍ଗାନାଇଜେସନ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ: 'ଶ୍ରୀ ଶକ୍ତି' ସମ୍ମାନରେ ମାତୃଶକ୍ତିମାନଙ୍କୁ ସମ୍ମାନିତ



ବାରିପଦା, ୦୮/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ପରିସରରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଗରିମାମୟ ଭାବେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ପ୍ରତୀକ ଅନୁଷ୍ଠାନର ସମ୍ପାଦକ ଶ୍ରୀ ପ୍ରବୀର କୁମାର ବାରିକଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ ଓ ଦିଗଦର୍ଶନ ରେ କାର୍ଯ୍ୟକ୍ରମ ପାଳନ କରାଯାଉଛି।ଏହି ଅବସରରେ ଝିଅ ରୂପେ ଜନ୍ମ ଗ୍ରହଣ କରି ଶିକ୍ଷା, ସଂସ୍କାର ଓ ସାଂସାରିକ ଦାୟିତ୍ୱ ସହିତ ବିଭିନ୍ନ କର୍ମକ୍ଷେତ୍ରରେ ନିଜର ସୁଦକ୍ଷତା ଓ କୃତିତ୍ୱ ପ୍ରତିପାଦନ କରି ସମାଜରେ ସମ୍ମାନ ଓ ପ୍ରଶଂସାର ପାତ୍ର ହୋଇଥିବା କିଛି ନାରୀ ପ୍ରତିଭାଙ୍କୁ "ଶ୍ରୀ ଶକ୍ତି ସମ୍ମାନ" ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ କରି ପ୍ରତୀକ ଅନୁଷ୍ଠାନ ନିଜକୁ ଗର୍ବିତ ବୋଧ କରିଥିବା ବ୍ୟକ୍ତ କରାଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏ.ଡି.ଏମ୍ ଦୁଃଖବନ୍ଧୁ ନାୟକ ଯୋଗଦେଇ ନାରୀଙ୍କ ସାମାଜିକ ଉନ୍ନତି ଓ ସଶକ୍ତିକରଣର ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ ଯୋଗଦେଇ ନାରୀଙ୍କ ସାହସ, ସଂଘର୍ଷ ଓ ସମାଜ ଗଢ଼ାଣିରେ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ଅଭିଭାଷଣ ରଖିଥିଲେ।ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ଦେବୋତ୍ତର ବିଭାଗ) ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ଆଜିର ସମାଜରେ ନାରୀଙ୍କ ଭୂମିକା ଓ ସମ୍ମାନ ବିଷୟରେ ସାରଗର୍ଭୀତ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମକୁ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟର ସଭାପତି ପ୍ରତିମା ବାରିକ ସୁଚାରୁ ଭାବେ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ, ପ୍ରତୀକ ଅନୁଷ୍ଠାନର ଶତାଧିକ ସଦସ୍ୟ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସମାଜସେବୀ, ବୁଦ୍ଧିଜୀବୀ ଓ ସମାଜରେ ସଂଘର୍ଷ ଜାରି ରଖିଥିବା ବହୁ ନାରୀମାନେ ଯୋଗଦେଇ ଦିବସକୁ ସଫଳ ଓ ସ୍ମରଣୀୟ କରିଥିଲେ।ଦିବସଟିକୁ ସୁଚାରୁ ରୂପେ ତଥା ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଚନ୍ଦନ ପାଲ, ମିତାଲି ଦାସ, ଶିବଶଙ୍କର ପାତ୍ର, ଅନାଦି ପଣ୍ଡିତ, ବିଶ୍ୱ ଜୀବନ ରଣା ପ୍ରମୁଖ ପ୍ରତୀକ ସଦସ୍ୟ ମାନଙ୍କର ଅବଦାନ ଅତୁଳନୀୟ। ସବୁଠାରୁ ସୁଭନ୍ଦର ଓ ମର୍ମସ୍ପର୍ଶୀ ଥିଲା ଏମ୍.ଭି.ଏମ୍ ଘୋରି ଆବାସିକ ବିଦ୍ୟାଳୟର +୨ରେ ଅଧ୍ୟୟନରତ ଛାତ୍ରୀ, ପାୟଲ, ଶ୍ରୀଦାସ ଓ ସଂସ୍କୃତିଙ୍କ ଅଭିଭାଷଣ, ଉପସ୍ଥିତ ସମସ୍ତଙ୍କୁ ଉଦବୁଦ୍ଧ କରିଥିଲା।

## ଆରମ୍ଭ ହେଲା ପଞ୍ଚମ ବର୍ଷର ରୂପସା ପ୍ରିମିୟର ଲିଗ୍

ବସ୍ତା , ୦୮/୩ (ନି.ପ୍ର): ଚଳିତ ବର୍ଷ ପଞ୍ଚମ ରୂପସା ପ୍ରିମୀୟର ଲିଗ୍ ଆର୍ ସି ସି କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ଦଳିଦଳି ପଡିଆ ରେ ଆରମ୍ଭ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ଆଠଟି ଟିମ୍ ହେପି ୧୧, ରୟାଲ କିଙ୍ଗ , ଝାନସି ୧୧, ଓମ୍ ଫାଇଟର , ଏସ କେ ଫାଇଟର, କ୍ରିଷ୍ଟାଲ ୧୧, ଫ୍ରେଣ୍ଡସ ୧୧ , ଏନ ସି ସି ୨.୦ ଏହି ଟିମ୍ ମଧରେ ଖେଳ ହେବ। ୧୦ ଓଭର ବିଶିଷ୍ଟ ଏହି ଫଟାଫଟ କ୍ରିକେଟ ମ୍ୟାଚ୍ ଦେଖିବା ହଜାର ହଜାର ଦର୍ଶକ ଙ୍କ ଭିଡ ମଧ ଜମୁଛି । ଏହି ଟୁର୍ଣ୍ଣାମେଣ୍ଟ କୁ ଅଜୟ ବେହେରା , ଆକାଶ ମାରାଣ୍ଡି ,(ଜିନି) ବସନ୍ତ ବେହେରା , କମଳାକାନ୍ତ ବିଶି , ଆକାଶ ଜେନା , ସନ୍ତୋଷ ମହାପାତ୍ର , ଅପୁ , ରାଜା ଓ କ୍ଲବ ର ସମସ୍ତ ସଦସ୍ୟ ସୁଚାରୁରୂପେ ତୁଲାଉଛନ୍ତି। ସ୍କର ର ଚିନ୍ମୟ ଜେନା ଓ ବ୍ରଜକିଶୋର ଜେନା ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରେ ବିଜେତା ଦଳ ୨୦୦୦୦ /- ହଜାର ଓ ଉପ ବିଜେତା ଦଳ କୁ ୧୭୦୦୦/- ହଜାର ଟଙ୍କା ପୁରସ୍କାର ଘୋଷଣା ସହ ପ୍ରତ୍ୟେକ ମ୍ୟାଚ୍ ଆଇ ସି ସି ଆଇ କ୍ରିକେଟ ବୋଡ ନିୟମ ଅନୁଯାୟୀ ଖେଳ ପରିଚାଳିତ ହେଉଛି।

# ଆଦର୍ଶମାତା ଝୁମମଣି ପାତ୍ରଙ୍କ ୮୫ ତମ ଜୟନ୍ତୀ ପାଳିତ



ବାସୁଦେବପୁର, ୦୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ବାସନ୍ତୀ ପଡିଆ ଠାରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ଓ ମୁନିରାଜ ଗଜେନ୍ଦ୍ର ପାତ୍ର ଅଜୁ ମୁନି ଓ ପରିବାର ବର୍ଗ ପକ୍ଷରୁ ଆଦର୍ଶ ମାତା ଝୁମମଣି ପାତ୍ରଙ୍କ ୮୫ ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସୁଧାକର ମୁନି ସଭାପତିତ୍ୱ କରିଥିଲେ। ଓଡ଼ିଶା ମୁନି ସମାଜର ଅଧକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗୀ ନାରାୟଣ, ଯୋଗୀ ଆରତୀ ଦେବୀ, ଯୋଗୀ ଉମାକାନ୍ତ ବିଶ୍ୱାଳ । ଏହି ଅବସରରେ ଯୋଗାଚାର୍ଯ୍ୟ ଉମାକାନ୍ତ ବିଶ୍ୱାଳ ଓ ସମାଜସେବୀ ସନ୍ତୋଷ କୁମାର ପାଢ଼ୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମୁନିରାଜ ଗଜେନ୍ଦ୍ର ପାତ୍ରଙ୍କ ଆଦର୍ଶ ମାତା ଝୁମମଣି ପାତ୍ର, ଦାଦା ବନମାଳୀ ପାତ୍ର, ଖୁଡି ରଙ୍ଗଲତା ପାତ୍ରଙ୍କୁ ପୂଜା ପାଠ ଓ ବନ୍ଦାପନା କରା ଯାଇଥିଲା। ଏହି ଉତ୍ସବରେ ଛବି ମହାରଣା, ଶଙ୍କର୍ଷଣ ଦାସ ଓ ବାଞ୍ଛାନିଧି ମୁଦୁଲିଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ସମଗ୍ର ବିଶ୍ୱରେ ପ୍ରତ୍ୟେକ ମଣିଷ ପିତା ମାତାଙ୍କ ସେବା ଠିକ୍ ଭାବେ କରିବା ଉଚିତ୍ ବୋଲି ଅତିଥି ବନ୍ଧୁ ମାନେ ଏହି ଉତ୍ସବରେ ମତ ପ୍ରକାଶ କରିଥିଲେ। ଜୟ ଜୀବ , ଜୀବ ଜଗତର ଜୟ ହେଉ। ଏହି ଉତ୍ସବରେ ଗଜେନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆମଗାଁ ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା, କମଳାକାନ୍ତ ବେହେରା,ବସନ୍ତ କୁମାର ପଣ୍ଡା, ପୂର୍ଣ୍ଣ ମଲ୍ଲିକ,ଜଗବନ୍ଧୁ ବାରିକ୍, ମଧୁ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

## ରାଷ୍ଟ୍ରପତି ସମସ୍ତଙ୍କର, ତାଙ୍କୁ ସମ୍ମାନ ଦେବା ସମସ୍ତଙ୍କର ଦାୟିତ୍ୱ: କଂଗ୍ରେସ

ଭୁବନେଶ୍ୱର, ୦୮/୩ (ନି.ପ୍ର): ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗରେ ମମତା ସରକାର ଅସମ୍ମାନ କରିବା ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରତିକ୍ରିୟା ରଖିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ମହାମହିମ ରାଷ୍ଟ୍ରପତି ସମସ୍ତଙ୍କ ପାଇଁ ସମ୍ମାନନୀୟ । ତେଣୁ କୌଣସି ରାଜ୍ୟକୁ ଗଲାବେଳେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଗମନ କଲେ ସମ୍ମାନରେ କୌଣସି ଅସୁବିଧା ହେବ ନାହିଁ । ତେବେ ରାଷ୍ଟ୍ରପତି ବାରମ୍ବାର ଗସ୍ତ କଲେ ଲୋକଙ୍କ ସୁରକ୍ଷା ପାଇଁ ଅବହେଳା ହେବ । ରାଷ୍ଟ୍ରପତି ସମସ୍ତଙ୍କର, ତାଙ୍କୁ ସମ୍ମାନ ଦେବା ସମସ୍ତଙ୍କର ଦାୟିତ୍ୱ । କିନ୍ତୁ ସେ କୌଣସି ବ୍ୟକ୍ତି କିମ୍ବା ଦଳର ଏଜେଣ୍ଡାରେ ନରୁହନ୍ତୁ ।

# ଶ୍ରୀରାମ ନବମୀ ମହୋତ୍ସବ– ୨୦୨୬

## ମାତୃଭୂମି ପାଇଁ ଗଣଦୌଡ଼ରେ ସାମିଲ୍ ହେଲେ ହଜାର ହଜାର ଶ୍ରୀରାମ ଭକ୍ତ



ଭଦ୍ରକ, ୦୮/୩ (ନି.ପ୍ର): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଆନୁକୂଲ୍ୟରେ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏହି ଗଣଦୌଡ଼ଟି ସକାଳ ୭ ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା'ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ସହର ମଧ ଦେଇ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା । ମା' ତାରିଣୀଙ୍କ ମନ୍ଦିରରେ ରୀତି ନିତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା, ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମିତିର ଉପଦେଷ୍ଟା ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧକ୍ଷ ନିରଞ୍ଜନ ସାହୁ ଶ୍ରୀଫଳ ବାଡେଇ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅନୁଷ୍ଠିତ ହୋଇଥିବା ଗଣଦୌଡ଼ରେ ଶ୍ରୀରାମ ମହାଯଜ୍ଞ ସମିତିର ଉପ ସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାର କାନ୍ତ ଦାସ, ସ୍ୱରୂପା ନନ୍ଦ ମହାପାତ୍ର, ଉପଦେଷ୍ଟା ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଅମ୍ବିକା ଦାସ, ବସନ୍ତ ରାଉତ, ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରିୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟରେ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା। ଗଣ, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବର ସଦସ୍ୟ, ଆଧାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ବୃନ୍ଦାବନ ଜେନା, ବିଶ୍ୱ ରଞ୍ଜନ ଦାସ, ରଞ୍ଜିତ ମହାପାତ୍ର, ପ୍ରତାପ ଦାସ, ସୁରେଶ ସାମଲ, ସରୋଜ ରାଉତ, ଓଁକାର ମହାନ୍ତି ପ୍ରମୁଖ ଏହି ଗଣଦୌଡର ନେତୃତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋ ପୂଜନ, ସାଧୁସନ୍ଥ ପୂଜନ, ବାଇକ ଶୋଭାଯାତ୍ରା, ବାଲ୍ ବଜରଂଗୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା, ଅଯୋଧ୍ୟା ସମେତ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ ଯାତ୍ରା, କଳସ ଶୋଭାଯାତ୍ରା, ଅଖଣ୍ଡ ହନୁମାନ ଚାଳିଶା ପାଠ, ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଭଳି ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସମ୍ପାଦକ ତଥା ଗଣ ମାଧମ ଓ ସୋସିଆଲ ମିଡ଼ିଆ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି।

# ପିଏମଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ କୃତିତ୍ୱ

ବଡ଼ସାହି, ୦୮/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାସ୍ତରୀୟ 'ପି ଏମ ଶ୍ରୀ' ଉତ୍ସବରେ ପି ଏମ ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ପ୍ରତିଭା ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବାରିପଦାସ୍ଥିତ ପି ଏମ ଶ୍ରୀ ଏମ.କେ.ସି ହାଇସ୍କୁଲ୍ ପରିସରରେ ମାର୍ଚ୍ଚ ୭ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୩୨ଟି ପି ଏମ ଶ୍ରୀ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ 'ଜିଜ୍ଞାସା' ପ୍ରତିଯୋଗିତାରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ବୈଜ୍ଞାନିକ ତଥା ବୌଦ୍ଧିକ ଦକ୍ଷତା ପ୍ରତିପାଦନ କରି ଜିଲ୍ଲା ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦଯାପନୀ ସମାରୋହରେ ଅତିଥିମାନଙ୍କ ଗହଣରେ ତାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ସଫଳତାର ଶ୍ରେୟ ଓ ଶୁଭେଚ୍ଛା: ଏହି ସଫଳତା ପଛରେ ବିଦ୍ୟାଳୟର ସହାୟକ ଶିକ୍ଷକ ହୃଷୀକେଶ ଦେହୁରୀ, ଚିନ୍ମୟ ଶୁଭ୍ରାଂଶୁ ସିଂ, ସୁନିଲ ମାର୍ଣ୍ଡି, ଗାୟତ୍ରୀ ଦାଶ ଏବଂ ପ୍ରଦୀପ ଜେନାଙ୍କ ସୁପରିଚାଳନା ଓ ମାର୍ଗଦର୍ଶନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଣବ କୁମାର ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟବୃନ୍ଦ କୃତୀ ଛାତ୍ର ସାଇକୃପା ଓ ସହାୟକ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ସ୍ଥାନୀୟ ଅଞ୍ଚଳରେ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହର ଲହରୀ ଖେଳାଇ ଦେଇଛି।

# ଧାନ ବିକ୍ରି ପାଇଁ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା

ଲଙ୍ଗଳେଶ୍ୱର, ୦୮/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ସେବା ସମବାୟ ସମିତିକୁ ମିଲର ଆସୁନଥିବାରୁ ଦୀର୍ଘ ଦିନ ଧରି ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି ଫଳରେ ପଞ୍ଜିକୃତ ହୋଇଥିବା ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମବାୟ ସମିତି ରେ ଧାନ ବିକ୍ରି ପାଇଁ ୬୩୩ ଜଣ ଚାଷୀ ଟୋକନ ମିଳିଛି ସେଥିମଧ୍ୟରୁ ଅଦ୍ୟାବଧି ୨୬୫ ଜଣଙ୍କ ଠାରୁ ଧାନ କିଣା ଯାଇଛି ଅନ୍ୟ ସମସ୍ତ ଚାଷୀଙ୍କ ଠାରୁ ତୁରନ୍ତ ଧାନ କିଣିବା ପାଇଁ ଶନିବାର ବାଲେଶ୍ୱର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ମିତା ନାୟକ ଙ୍କ ସହିତ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମିତି ର ନିର୍ଦ୍ଦେଶକ ଅନାଦୀ ସେନାପତି ଆଲୋଚନା କରିଛନ୍ତି। ତୁରନ୍ତ ଚାଷୀଙ୍କ ଠାରୁ ଧାନ କିଣା ଯିବ ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀମତୀ ନାୟକ କହିଛନ୍ତି। ଏହି ଆଲୋଚନା ସମୟରେ ବଣିଆଡିହା ସେବା ସମବାୟ ସମିତିର ସମ୍ପାଦକ ରଞ୍ଜନ କୁମାର ପାତ୍ର ଓ ଯୋଗାଣ ବିଭାଗ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# କଂଗ୍ରେସ -ବିଜେଡି ଭୟଭୀତ: ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୦୮/୩ (ନି.ପ୍ର): କଂଗ୍ରେସ -ବିଜେଡି ଭୟଭୀତ । ତାଙ୍କ ବିଧାୟକ କୁଆଡେ ପଳେଇବେ । ଆମେ ଖୋଲା ବୁଲୁଛୁ । ଆମର ଭୟ ନାହିଁ ବୋଲି କହିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର । ବିବେକଅନୁମୋଦିତ ଭୋଟ ଜଣେ ବିଧାୟକ ଯଦି ବିବେକକୁ ପଚାରିବ ତାହେଲେ ତାଙ୍କ ବିବେକ କହିବ ବିଜେଡିକୁ ଭୋଟ ଦେବୁନି । କଂଗ୍ରେସ ସହ ମିଶିଲେ ବିଜେଡି ଆଉ କଂଗ୍ରେସ ବୁଡ଼ିଯିବେ । ଫଳ ବାହାରିଲେ ଜଣା ପଡିବ କାହା ପାଖରେ କେତେ ଭୋଟ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida